
THE AADHAR ODISHA

# ଆଧାର ଓଡ଼ିଶା

RNI Title Code No. ODIODI08073


ଏକ ନିଆରା ସାପ୍ତାହିକୀ

କହିବା ପୂର୍ବରୁ ଦୁଇ ଥର ଚିନ୍ତାକର।
କାରଣ ତୁମ ଶବ୍ଦ ଓ ପ୍ରଭାବ ଅନ୍ୟର
ମନରେ ସଫଳତା କିମ୍ବା ବିଫଳତାର
ମଞ୍ଜି ବୁଣିବ ।
– ନେପୋଲିୟମ୍ ହିଲ୍




♦ବର୍ଷ–୨ ♦ସଂଖ୍ୟା–୪ ♦ବରଗଡ଼ ♦ ୦୨–୦୮ ଡିସେମ୍ବର ୨୦୨୨ ♦୫ ଟଙ୍କା ♦ପୃଷ୍ଠା–୮ | ♦VOL-2 ♦ISSUE-4♦BARGARH ♦02-08 DECEMBER 2022 ♦RS.5/- ♦PAGE-8

ହାତୀ ମୃତ୍ୟୁରେ ରୋକ ଲାଗୁନି ପୃଷ୍ଠା–୩➔



ଶାହାରୁଖଙ୍କ ମହଙ୍ଗା ସମ୍ପତ୍ତି ପୃଷ୍ଠା–୫➔



ଭୁଶୁଡ଼ିବା ଅବସ୍ଥାରେ ପୁରୁଣା ନଦୀବନ୍ଧ ପୃଷ୍ଠା–୭➔



ନାଲି ସୁନା ପୃଷ୍ଠା–୮➔



# ରାଜଧାନୀରେ ଆନ୍ଦୋଳନ ଋତୁ

## ଗର୍ଜୁଛନ୍ତି ଶିକ୍ଷକ, ଅଙ୍ଗନବାଡ଼ି ଓ ଆଶାକର୍ମୀଙ୍କ ସମେତି ବିଭିନ୍ନ ସଂଗଠନ

ଭୁବନେଶ୍ୱର: ଗଣମାଧ୍ୟମ ସମେତ ସମଗ୍ର ଓଡ଼ିଶାରେ ପ୍ରମୁଖ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି ପଦ୍ମପୁର ଉପର୍ନିବାଚନ ଏବଂ ବିଧାନସଭା ଭିତର ଓ ବାହାରର ତାତି । ଏହାରି ଭିତରେ ତୃଣମୂଳ ସ୍ତରର ବହୁ କର୍ମଚାରୀ ଓ କର୍ମୀ ରାଜରାସ୍ତାକୁ ଆନ୍ଦୋଳନ ପାଇଁ ଓହ୍ଲାଇବା ବଡ ଆହ୍ୱାନ ସୃଷ୍ଟି କରିଛି । ସାରା ରାଜ୍ୟର ଗାଁ ଗଣ୍ଡାରେ ବିଛେଇ ହୋଇ ରହିଥିବା ଅଙ୍ଗନବାଡି କେନ୍ଦ୍ରର କର୍ମୀମାନେ ସେମାନଙ୍କ ହକ୍ ପାଇଁ ରାଜଧାନୀର ରାଜରାସ୍ତାକୁ ଜାମ୍ କରିଦେଇଥିବା ବେଳେ ଗର୍ଭବତୀ ମହିଳାଙ୍କ ପାଇଁ ଆଶା ସଞ୍ଚାର କରୁଥିବା ଆଶାକର୍ମୀମାନେ ମଧ୍ୟ ସେମାନଙ୍କ ଦାବି ପୂରଣ ଲାଗି ବିଧାନସଭା ଅବସରରେ ମହାତ୍ମା ଗାନ୍ଧୀ ମାର୍ଗରେ ବସିଛନ୍ତି । ସେହିପରି ପ୍ରାଥମିକ ବିଦ୍ୟାଳୟର ହଜାର ହଜାର ଶିକ୍ଷକ ପାଠ ପାଇବା କାମ ଛାଡି ସେମାନଙ୍କ ସମସ୍ୟା ସମାଧାନ ଲାଗି ବି ବିଧାନସଭା ସମ୍ମୁଖରେ ଆନ୍ଦୋଳନ ଚଳାଇଛନ୍ତି । ଫଳରେ ଗାଁରେ ଗାଁରେ ବିଦ୍ୟାଳୟଗୁଡିକରେ ପାଠପଢ଼ା ବ୍ୟାହତ ହେଉଛି ।



ସେହିପରି ଗ୍ରାମପଞ୍ଚାୟତ କର୍ମଚାରୀମାନେ ଓ ସାକ୍ଷର ଭାରତ କର୍ମଚାରୀମାନେ ବି ଏହି ଅବସରରେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନରେ ସାମିଲ ହୋଇଛନ୍ତି । ଖୁବ୍ କମ୍ ପାରିଶ୍ରମିକରେ ଏମାନେ କାମ କରୁଥିବାରୁ ଏମାନଙ୍କୁ ନିୟମିତ ସରକାରୀ କର୍ମଚାରୀର ମର୍ଯ୍ୟାଦା ଦେବା ପାଇଁ ଦାବି ହେଉଛି । ସେହିଭଳି ଗାଁରେ ଗାଁରେ ରହିଥିବା ଗ୍ରାମରକ୍ଷୀମାନେ ମଧ୍ୟ ସେମାନଙ୍କ ପାରିଶ୍ରମିକ ବୃଦ୍ଧି ସହିତ ଅନ୍ୟାନ୍ୟ ଦାବି ହାସଲ ଲାଗି ରାଜଧାନୀ ଆସି ମେଳି ବାନ୍ଧିଛନ୍ତି । ସରକାରୀ ➔ପୃଷ୍ଠା–୭

# ପଦ୍ମପୁର ଉପର୍ନିବାଚନ: ଘଡ଼ିକେ ଘୋଡ଼ା ଛୁଟୁଛି

## ଆଇଟି ବନାମ ଜିଏସ୍‌ଟି ରେଡ୍ ହଟଚମଟ

## ତେଜୁଛି ରେଳ ଓ ଫସଲ ବୀମା ରାଜନୀତି







ବରଗଡ଼/ପଦ୍ମପୁର: ଓଡ଼ିଶା ରାଜନୀତିରେ ସାମାନ୍ୟତମ ସକ୍ରିୟ ଥିବା ପ୍ରତ୍ୟେକଟି ବ୍ୟକ୍ତି ପାଇଁ ଏବେ ବରଗଡ଼ ଜିଲ୍ଲାର ଉପାନ୍ତ ଉପଖଣ୍ଡ ପଦ୍ମପୁର ଏକ ଅଘୋଷିତ ତୀର୍ଥ ପାଲଟିଛି । ପଦ୍ମପୁରର ର୍ନିବାଚନ ବୈତରଣୀରେ ବୁଡ଼ ପକାଇବା ପାଇଁ ରାଜ୍ୟର କୋଣ ଅନୁକୋଣରୁ ରାଜନୈତିକ ନେତାମାନଙ୍କ ଧାଁ ଧପଡ଼ ଲାଗି ରହିଛି । ଏହା ଭିତରେ ପଦ୍ମପୁର ଉପର୍ନିବାଚନରେ ଘଡ଼ିକେ ଘୋଡ଼ା ଛୁଟୁଛି । ପ୍ରତି ମୁହୂର୍ତ୍ତରେ କିଛି ନା କିଛି ଘଟଣା ଘଟୁଛି ଯାହା ରାଜ୍ୟ ରାଜନୀତିକୁ ସରଗରମ କରି ରଖିଛି । ବିଶେଷ କରି ବିଜେଡି ଓ ବିଜେପି ଦଳ ପକ୍ଷରୁ ଏଠାରେ ପ୍ରୟୋଗ କରାଯାଉଥିବା ସବୁ ପ୍ରକାର କଳ, ବଳ, କୈଶଳ ଏହି ର୍ନିବାଚନକୁ ଏକ ଭିନ୍ନସ୍ତରକୁ ନେଇ ଯାଇଛି । ପଦ୍ମପୁର ଉପର୍ନିବାଚନ ପୂର୍ବରୁ ଏଠାରେ ସରକାରୀ କଳର ବ୍ୟବହାର କରି ଚଢ଼ଉ ରାଜନୀତି ଆରମ୍ଭ ହୋଇଯାଇଛି । କେନ୍ଦ୍ର ଅଧୀନ ଆୟକର ବିଭାଗ ଚାରି ବ୍ୟବସାୟୀଙ୍କ ଘରେ ଚଢ଼ଉ କରିଥିବାବେଳେ ସନ୍ଧ୍ୟାରେ ରାଜ୍ୟ ଅଧୀନରେ କାର୍ଯ୍ୟରତ ଜିଏସ୍‌ଟି ବିଭାଗ ବିଭିନ୍ନ ଦୋକାନେର ଚଢ଼ଉ କରିଥିଲା । ବିଜେଡି ସମର୍ଥକଙ୍କ ଘରେ ଆୟକର ଏବଂ ବିଜେପି ସମର୍ଥକଙ୍କ ଘରେ ଜିଏସ୍‌ଟି ବିଭାଗ ଚଢ଼ଉ ହୋଇଥିବା ଜଣାପଡିଛି । ଅପରପକ୍ଷରେ ଏହି ଆକ୍ରୋଶମୂଳକ ରାଜନୀତିକୁ ନେଇ ରାଜ୍ୟପ୍ୟାପୀ ଚର୍ଚ୍ଚା ସୃଷ୍ଟି କରିଛି ।

ମିଳିଥିବା ସୂଚନା ଅନୁସାରେ, ତିନି ତିନ ଜଣ ବିଜେଡି ନେତାଙ୍କ ଘରେ ପଶିଛି ଆୟକର ବିଭାଗ । ସ୍ଥାନୀୟ ବହିଦାରପଡାର ମହମ୍ମଦ ସାଜିଦ୍, ସାହୁପଡ଼ାର ମାନଭଞ୍ଜନ ସାହୁ ଓ ବଡ଼ପଡାର ଗଜାନନ୍ଦ ଅଗ୍ରୱାଲଙ୍କ ଘରେ ସୋମବାର ସକାଳୁ ସକାଳୁ ପହଞ୍ଚିଥିଲେ ଆଇଟି ଅଧିକାରୀ । ସାଙ୍ଗରେ ଥିଲେ ସଶସ୍ତ୍ର ସିଆରପିଏଫ୍ ଫୋର୍ସ । ସେମାନେ ସମସ୍ତେ ଦିବଙ୍ଗତ ବିଧାୟକ ବିଜୟରଞ୍ଜନ ସିଂ ବରିହାଙ୍କ ଅନୁଗତ ଥିଲେ ବୋଲି କୁହାଯାଉଛି । ମହମ୍ମଦ ସାଜିଦ୍‌ଙ୍କ ରାଇସ୍ ମିଲ୍ ସହ ଟ୍ରାନସ୍ପୋର୍ଟ ବିଜିନେସ୍ ବି ରହିଛି । ଆଉ ମାନଭଞ୍ଜନ ସାହୁ ସାଜିଦଙ୍କ ବିଜନେସ୍ ପାର୍ଟନର ବୋଲି ଜଣାପଡ଼ିଛି । ରେଡ୍ ହୋଇଥିବା ଅନ୍ୟତମ ବିଜେଡି ନେତା ଗଜାନନ୍ଦ ଅଗ୍ରୱାଲଙ୍କର ବି ରହିଛି ରାଇସ୍ ମିଲ୍ । ବିଜେଡି ନେତା ମହମ୍ମଦ ସାଜିଦ କେବଳ ବିଜୟ ରଞ୍ଜନଙ୍କ ଅତ୍ୟନ୍ତ ଅନୁଗତ ନଥିଲେ, ସେ ବିଜେଡି ବିଧାୟକ ସୁଶାନ୍ତ ସିଂଙ୍କର ଅତି ଘନିଷ୍ଠ ବୋଲି ମଧ୍ୟ କୁହଯାଉଛି । ସବୁଠାରୁ ବଡ଼ ପ୍ରଶ୍ନ ଉପର୍ନିବାଚନ ➔ପୃଷ୍ଠା–୭

## ସମ୍ପାଦକୀୟ

ନିଜ ଉପରେ ବିଶ୍ୱାସ

# ତାଗିଦ୍ ପରେ ବି ଜିଦ୍‌ରେ ଅଟଳ

ସମ୍ବଲପୁର: ହାଇକୋର୍ଟ ବେଞ୍ଚ ଦାବି ନେଇ ବର୍ଷ ବର୍ଷ ଧରି ଆନ୍ଦୋଳନ କରି ଆସୁଥିବା ଆଇନଜୀବୀ ନା ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶକୁ ମାନୁଛନ୍ତି ନା ତାଗିଦ୍‌କୁ ଭୟ କରୁଛନ୍ତି । ଲାଇସେନ୍ସ ବାତିଲ୍‌ର ଚରମ ଆଭିମୁଖ୍ୟ ସତ୍ତ୍ୱେ ନିରବଚ୍ଛିନ୍ନ ଆନ୍ଦୋଳନ ଜାରି ରଖିଛନ୍ତି ସମ୍ବଲପୁର ଏବଂ ଗଞ୍ଜାମ ଓକିଲ ସଂଘ । ସ୍ଥିତି ଏପରି ହୋଇଛି ଯେ, ସମ୍ବଲପୁରରେ ପୋଲିସ୍‌କୁ ହସ୍ତକ୍ଷେପ କରିବାକୁ ପଡ଼ିଛି । ମୁହାଁମୁହିଁ ହୋଇଛନ୍ତି ଆଇନଜୀବୀ ଏବଂ ପୋଲିସ୍ । କୁରୁକ୍ଷେତ୍ର ପାଲଟିଛି ସମ୍ବଲପୁର କଚେରୀ ଛକ । ଯାହାଫଳରେ ଆଇନ୍‌ଜୀବୀଙ୍କ ଟେଣ୍ଟ୍ ଭୁଶୁଡ଼ି ପଡ଼ିଛି । ସେପଟେ ଶାନ୍ତିପୂର୍ଣ୍ଣ ସତ୍ୟାଗ୍ରହ ଜାରି ରଖିଥିବା ଗଞ୍ଜାମ ଓକିଲ ସଂଘ ବି ଆନ୍ଦୋଳନରୁ ଓହରିବାର ନାଁ ଧରୁନି ।

ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ପୋଲିସ୍ ସୁରକ୍ଷା ବଳରେ କୋର୍ଟକୁ ଆସୁଥିଲେ ବିଚାରପତି । କିନ୍ତୁ ଓକିଲଙ୍କ ସମେତ ବିଭିନ୍ନ ସଂଗଠନ ସଦସ୍ୟ ସାଜିଥିଲେ ପ୍ରତିବନ୍ଧକ । ଆନ୍ଦୋଳନକାରୀଙ୍କୁ ବୁଝାଇଥିଲେ ଅତିରିକ୍ତ ଏସ୍‌ପି ଓ ଏସ୍‌ଡିପିଓ । ଏହାରି ଭିତରେ ଆରମ୍ଭ ହୋଇଯାଇଥିଲା ଛକାପଞ୍ଝା । ଶେଷରେ ସ୍ଥିତି ଏମିତି ହେଲା ଯେ, କଚେରୀ ଛକରେ ପ୍ରାୟ ଘଣ୍ଟାଏ ଧରି ଏମିତି ଚାଲିଲା ଧସ୍ତାଧସ୍ତି, ଠେଲାପେଲା, ମୁହାଁମୁହିଁ ପରିସ୍ଥିତି । ➔ପୃଷ୍ଠା–୭

# ରାଜ୍ୟରେ ନୂଆ ପର୍ଯ୍ୟଟନ ନୀତି

ଭୁବନେଶ୍ୱର: ରାଜ୍ୟରେ କାର୍ଯ୍ୟକାରୀ ହୋଇଛି ନୂଆ ପର୍ଯ୍ୟଟନ ନୀତି । ରାଜ୍ୟ କ୍ୟାବିନେଟ୍ ବୈଠକରେ ଓଡ଼ିଶା ପର୍ଯ୍ୟଟନ ନୀତି–୨୦୨୨କୁ ଅନୁମୋଦନ ମିଳିଛି । ଏହି ନୂଆ ନୀତିରେ ନୂତନ ପର୍ଯ୍ୟଟନ ଉତ୍ପାଦନକୁ ଅନ୍ତର୍ଭୁକ୍ତ କରାଯିବା ସହ ପର୍ଯ୍ୟଟନ କ୍ଷେତ୍ରକୁ ନୂଆ ଦିଗଦର୍ଶନ ଦେବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି । ମେକ୍ ଇନ୍ ଓଡ଼ିଶା କନକ୍ଲେଭକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏହି ନୂଆ ପର୍ଯ୍ୟଟନ ନୀତିକୁ ଅନୁମୋଦନ କରିଛନ୍ତି । ଯାହା ଫଳରେ ରାଜ୍ୟରେ ପର୍ଯ୍ୟଟନ କ୍ଷେତ୍ରରେ ପୁଞ୍ଜି ବିନିଯୋଗ ନିମନ୍ତେ ନିବେଶକଙ୍କୁ ଆକୃଷ୍ଟ କରାଯାଇ ପାରିବ ।

ପ୍ରସ୍ତାବିତ ନୂଆ ପର୍ଯ୍ୟଟନ ନୀତି ଅନୁସାରେ, ରାଜ୍ୟରେ ପର୍ଯ୍ୟଟନ କ୍ଷେତ୍ରରେ ପୁଞ୍ଜି ବିନିଯୋଗକୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ପୂର୍ବ ନୀତିରେ ୨୦%ରୁ ୨୫% ଥିବା ପୁଞ୍ଜି ପ୍ରୋତ୍ସାହନ ସବସିଡିକୁ ନୂଆ ନୀତିରେ ୩୦% ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ସ୍ୱାସ୍ଥ୍ୟ, ସ୍ୱଚ୍ଛତା ଓ ମେଡିକାଲ ଟୁରିଜିମକୁ ମାନ୍ୟତାପ୍ରାପ୍ତ ପର୍ଯ୍ୟଟନ ଉଦ୍ୟୋଗ ଭାବେ ଅନୁମୋଦନ ସହ ଆଗ୍ରହୀ ନିବେଶକମାନଙ୍କୁ ପ୍ରୋତ୍ସାହନ ଯୋଗାଇ ଦିଆଯିବ । ଏହି ପଦକ୍ଷେପ ଓଡ଼ିଶା ମଧ୍ୟରେ ଉନ୍ନତ ଧରଣର ସୁପର ସ୍ପେଶାଲିଷ୍ଟ ➔ପୃଷ୍ଠା–୭

THE AADHAR ODISHA
ଆଧାର ଓଡ଼ିଶା
୦୨-୦୮ ଡିସେମ୍ବର ୨୦୨୨



# ନିଜ ଉପରେ ବିଶ୍ୱାସ

ଭାରତରେ ଗତ ନଭେମ୍ବରରେ ଆୟୋଜିତ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବରେ ବିଚାରକ ମଣ୍ଡଳୀର ମୁଖିଆ ଭାବେ ଯୋଗ ଦେଇଥିଲେ ଇଜ୍ରାଏଲୀ ସିନେମାର ଲବ୍ଧ ପ୍ରତିଷ୍ଠିତ ନିର୍ମାତା ନଦଭ୍ ଲାପିଡ। ଉତ୍ସବର ଉଦ୍‌ଯାପନୀ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅବସରରେ ଲାପିଡ ଉତ୍ସବରେ ପ୍ରଦର୍ଶିତ ବିଭିନ୍ନ କ୍ୟାଟେଗୋରୀର ସିନେମା ଉପରେ ତାଙ୍କର ମତାମତ ରଖିଥିଲେ। ମହୋତ୍ସବରେ କଳାତ୍ମକ ବା ପାରଲେଲ୍ ସିନେମା ବର୍ଗରେ ଭାରତ ତରଫରୁ ଆନୁଷ୍ଠାନିକ ଭାବେ ସାମିଲ କରାଯାଇଥିଲା ବିବେକ ଅଗ୍ନିହୋତ୍ରୀଙ୍କ ଦି କଶ୍ମୀର ଫାଇଲ୍ସକୁ। ଦି କଶ୍ମୀର ଫାଇଲ୍ସ ହେଉଛି ଚଳିତ ବର୍ଷ ଭାରତରେ ନିର୍ମିତ ହିନ୍ଦି ସିନେମାଗୁଡିକ ମଧ୍ୟରେ ସବୁଠାରୁ ବିବାଦୀୟ ସିନେମା। ଗଣମାଧ୍ୟମ ଓ ବିଜ୍ଞାପନ ଦୁନିଆରେ ଏହା ସ୍ୱୀକୃତ ଯେ ଅପପ୍ରଚାର ବି ପ୍ରଚାର। ଏଣୁ ସିନେମାକୁ ନେଇ ବିବାଦ ବେପାର ବଢାଇଥାଏ। ଏହାର ନଗ୍ନ ନମୂନା ହେଲା ଦି କଶ୍ମୀର ଫାଇଲ୍ସ। ମାତ୍ର ୧୫ରୁ ୧୬ କୋଟି ଟଙ୍କା ଖର୍ଚ୍ଚରେ ନିର୍ମିତ ଏହି ସିନେମାଟି ପ୍ରାୟ ୩ ଶହରୁ ଊର୍ଦ୍ଧ୍ୱ କୋଟି ଟଙ୍କାର ବେପାର କରିଥିଲା। କଶ୍ମୀରରେ ଗତ ଶତାବ୍ଦୀର ନବେ ଦଶକ ଆରମ୍ଭରେ ଯେତେବେଳେ ଉଗ୍ରବାଦ ତା'ର ବପୁ ବିସ୍ତାର କରିଥିଲା, ସେତେବେଳେ ସେଠାରେ ରହୁଥିବା ସଂଖ୍ୟାଲଘୁ ହିନ୍ଦୁ ପଣ୍ଡିତ କେଉଁଭଳି ନିର୍ଯାତିତ ହୋଇ କଶ୍ମୀର ଛାଡିଥିଲେ, ତାହାକୁ ପୃଷ୍ଠଭୂମିରେ ରଖି ସୃଷ୍ଟ କାଳ୍ପନିକ କାହାଣୀ ଉପରେ ଦି କଶ୍ମୀର ଫାଇଲ୍ସ ଆଧାରିତ ।

ଫେରିବା ଲାପିଡ୍‌ଙ୍କ ଅଭିମତକୁ। କଳାତ୍ମକ ସିନେମା ବର୍ଗରେ ଦି କଶ୍ମୀର ଫାଇଲ୍ସ ସ୍ଥାନ ଦେବା ଲାଗି କିଏ କାହିଁକି କିଭଳି ନିଷ୍ପତ୍ତି ନେଲା ତାହାକୁ ନେଇ ସେ ଆଶ୍ଚର୍ଯ୍ୟଭରା କ୍ଷୋଭ ବ୍ୟକ୍ତ କରିଥିଲେ। ସେ ଯାହା କହିଥିଲେ ତାହାର ମର୍ମ ହେଲା କଳାତ୍ମକ ସିନେମାର ଯାହା ଯାହା ଉପାଦାନ ତାହାକୁ ପୃଷ୍ଠଭୂମିରେ ରଖି ବିଚାର କଲେ ଦି କଶ୍ମୀର ଫାଇଲ୍ସରେ କଳାତ୍ମକତାର ଲେଶମାତ୍ର ଗନ୍ଧବାସ୍ନା ନାହିଁ। ଅଶ୍ଳୀଳତା ଓ ବିବସ୍ତତା ଭରା ଏହା ଏକ ପ୍ରପଗଣ୍ଡା ବା ପ୍ରଚାରଧର୍ମୀ ସିନେମା ବୋଲି ବିଚାରକ ମଣ୍ଡଳୀ ମତ ଦେଇଥିବା କଥା ଲାପିଡ୍ ପ୍ରକାଶ କରିଥିଲେ। ବାସ୍, ଏତିକି କଥାରେ ସତେ ଯେମିତି ବିରୁଡି ବସାରେ ନିଆଁ ହୁଳା ଗେଞ୍ଜି ହୋଇଗଲା। ତଥାକଥିତ ଦେଶପ୍ରେମୀ ଆଇଟି ସେଲ୍ ଓ କୀ-ବୋର୍ଡ ୱାରିୟରସ୍ ଲାପିଡ୍‌ଙ୍କୁ ଟ୍ରୋଲ କରିବା ଆରମ୍ଭ କରିଦେଲେ।

ଇସ୍ରାଏଲ ଭାରତର ଏକ ବନ୍ଧୁ ଦେଶ। ବାହାରକୁ ଯେତିକି ଜଣାପଡେ, ତା'ଠାରୁ କାହିଁ କେତେ ଗୁଣରେ ଗଭୀର ଏହି ବନ୍ଧୁତ୍ୱ। ଏମିତି ଦେଖିବାକୁ ଗଲେ ଭାରତରୁ ଇସ୍ରାଏଲ କିଛି ପାଇବାର ନାହିଁ। କାରଣ ଏହି ଦେଶଟି ସବୁ କ୍ଷେତ୍ରରେ ଭାରତଠାରୁ ବହୁ ମାଇଲ ଆଗରେ। ସାମରିକ ଓ ଗୁଇନ୍ଦା ପ୍ରଦ୍ୟୋଗିକୀ କ୍ଷେତ୍ରରେ ଅନେକ ପ୍ରକାର ସହାୟତା ଭାରତକୁ କରି ଆସୁଛି। ପାଖାପାଖି ଅଢେଇ ଦଶନ୍ଧି ତଳେ କାରଗିଲ୍ ଯୁଦ୍ଧ ବେଳେ ଭାରତର ଗୁଳିଗୋଳା ସରିଆସୁଥିବା ବେଳେ ଇସ୍ରାଏଲ ଏହାକୁ ଯୋଗାଇ ଦେଇ ପାକିସ୍ତାନର ପରାଜୟକୁ ସୁନିଶ୍ଚିତ କରିଥିଲା। ଏବେ ଭାରତୀୟ ପ୍ରତିରକ୍ଷା ବାହିନୀର ଅନେକ ସମ୍ବେଦନଶୀଳ ସାମଗ୍ରୀ ଇସ୍ରାଏଲମାର୍କା। କେବଳ ପ୍ରତିରକ୍ଷା ସାମଗ୍ରୀ ନୁହେଁ, ବିରୋଧୀ ଦଳର ବିଭିନ୍ନ ନେତା ତଥା ସିଭିଲ ସୋସାଇଟିର ଲୋକଙ୍କ ଗତିବିଧି ଓ କଥାବାର୍ତ୍ତା ଉପରେ ନଜର ରଖିବା ଲାଗି ଯେଉଁ ପେଗାସସ୍ ସ୍ପାଏୱେୟାରର ପ୍ରୟୋଗ କରିବାର ଅଭିଯୋଗ ନିକଟରେ ଜୋର୍ ଧରିଥିଲା, ସେହି ଟେକ୍ନୋଲଜିକାଲ ଆପ୍ଲିକେଶନ ବି ଇସ୍ରାଏଲରୁ ସରକାରୀ ସ୍ତରରେ ଆମଦାନୀ ହୋଇଛି।

ଭାରତ ଦ୍ୱାରା କୌଣସି ଭାବେ ଲାଭବାନ ହେବାର ସମ୍ଭାବନା ନ ଥାଇ ବି ଏ ଦେଶକୁ ଇସ୍ରାଏଲ ସହାୟତା ଓ ସହଯୋଗ କରିବାର ମୁଖ୍ୟତଃ ଦୁଇଟି କାରଣ। ଗୋଟିଏ ହେଲା ଇସ୍‌ଲାମିକ ଧର୍ମାନୁଗାମୀ ଦେଶଗୁଡିକ ଇସ୍ରାଏଲ ବିରୋଧୀ। ଦ୍ୱିତୀୟ କାରଣଟି ଅଧିକ ଗୁରୁତ୍ୱପୂର୍ଣ୍ଣ ଏବଂ ଐତିହାସିକ। ପାଖାପାଖି ଦୁଇ ହଜାର ବର୍ଷ ପୂର୍ବେ ସାରା ପୃଥିବୀରେ ଯେତେବେଳେ ୟିହୁଦି ଧର୍ମାବଲମ୍ବୀଙ୍କୁ ଧରଧର ମାର୍ ମାର୍ କରାଯାଉଥିଲା, ସେତେବେଳେ ଭାରତବର୍ଷରେ ସେମାନଙ୍କୁ ସ୍ୱଚ୍ଛନ୍ଦରେ ନିଜ ଧର୍ମ ମତରେ ଚଳିବାର ସୁଯୋଗ ମିଳିଥିଲା। ଏହି ହେତୁ ୟିହୁଦି ରାଷ୍ଟ୍ର ଇସ୍ରାଏଲର ପ୍ରତିଟି ୟୁହୁଦି ନାଗରିକ ଭାରତକୁ ଅନ୍ତରରୁ ଭଲ ପାଆନ୍ତି ଓ ସମ୍ମାନ ଦିଅନ୍ତି।

ଲାପିଡ୍ ଇସ୍ରାଏଲର। ତାଙ୍କ ମାନସିକତା ବି ଅନ୍ୟ ୟିହୁଦିଙ୍କଠାରୁ ଭିନ୍ନ ନ ଥିବ। ଦି କଶ୍ମୀର ଫାଇଲ୍ସ ସମ୍ପର୍କରେ ନିଜ ମତ ରଖିବା ବେଳେ ଏହା ବି ଲାପିଡ୍ ଅନଭିଜ୍ଞ ନ ଥିବେ ଯେ କେବଳ ଭାରତକୁ ଶାସନ କରୁଥିବା ବିଜେପିର ଖାଲି ଦଳୀୟ କର୍ମକର୍ତ୍ତା ନୁହନ୍ତି, ଖୋଦ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ସିନେମାକୁ ଟେକାଟେକି କରି କହିଥିଲେ। ଅନେକ ବିଜେପି ଶାସନାଧୀନ ରାଜ୍ୟରେ ଏହାକୁ ଶୁଳ୍କ ରିହାତି ଦିଆଯାଇଥିଲା। ଏଣୁ ଲାପିଡ୍ ଏହା ବି ସ୍ପଷ୍ଟ କରି ଦେଇଥିଲେ କି ତାଙ୍କ ମତ ସମ୍ପୂର୍ଣ୍ଣ ଭାବେ ଚଳଚ୍ଚିତ୍ରର ଗୁଣମାନ ଆଧାରିତ, ଯେଉଁଥିରେ କୌଣସି ରାଜନୈତିକ କିମ୍ବା ଧାର୍ମିକ ଦୃଷ୍ଟିଭଙ୍ଗୀ ନାହିଁ। ତଥାପି ଦେଶପ୍ରେମ ଆଳୁଆଳରେ ମାନବୀୟ ସମ୍ବେଦନଶୀଳତା ଓ ଯୁକ୍ତିଯୁକ୍ତ ବ୍ୟକ୍ତିଗତ ସ୍ୱାଧୀନତା ଏବଂ ମୁକ୍ତ ଅଭିବ୍ୟକ୍ତିର ତଣ୍ଟି ଚିପିଦେବା ବି ଠିକ୍ ବୋଲି ଭାବୁଥିବା କୀ-ବୋର୍ଡ ୱାରିୟରମାନଙ୍କ ସୋସିଆଲ ମିଡିଆରେ ଭୟ ଉଦ୍ରେକକାରୀ ଟ୍ରୋଲକୁ ନଜରରେ ରଖି ଭାରତରେ ଅବସ୍ଥାପିତ ଇସ୍ରାଏଲୀ ରାଜଦୂତ ନିଜ ତରଫରୁ ଲାପିଡଙ୍କ ବୟାନ ଲାଗି କ୍ଷମା ପ୍ରାର୍ଥନା କଲେ। ତେବେ ରାଜଦୂତଜଣକ କ୍ଷମାପ୍ରାର୍ଥନା ଭିତରେ ହିଁ ଏଭଳି ଏକ ବାକ୍ୟଟିଏ କହି ଦେଇଛନ୍ତି ଯାହା କି ଭାରତରେ ସହନଶୀଳତାର ହ୍ରାସ ଅଭିଯୋଗକୁ ଅଧିକ ବଳବତ୍ତର କରିଛି। ରାଜଦୂତ କହିଥିଲେ ଯେ ଲାପିଡ ଭାରତରୁ ତ ଚାଲିଯିବେ, ମାତ୍ର ଏଠାରେ ଥିବା ଇସ୍ରାଏଲ ଦୂତାବାସ ଅଧିକାରୀ ଓ କର୍ମଚାରୀ ତଥା ଇଜ୍ରାଏଲୀ ନାଗରିକ ପରିଣାମ ଭୋଗିବେ ଓ ଆକ୍ରୋଶର ଶିକାର ହେବେ। ଏଥିରୁ ସଙ୍କେତ ମିଳୁଛି ରାଜଦୂତଙ୍କ କ୍ଷମା ମାଗିବା ପଛରେ ଦି କଶ୍ମୀର ଫାଇଲ୍ସର ପକ୍ଷଧରଙ୍କ ଦ୍ୱାରା ପ୍ରତିଶୋଧ ନିଆଯିବାର ଡର ବୋଧହୁଏ କାମ କରିଛି। ଭିନ୍ନ ଶବ୍ଦରେ କହିଲେ ଦେଶରେ କ୍ରମକ୍ଷୟୀଷ୍ଣୁ ଜାତିଗତ ଓ ଧର୍ମୀୟ ସହିଷ୍ଣୁତା ଏବଂ କ୍ରମବର୍ଦ୍ଧିଷ୍ଣୁ ବିଦ୍ୱେଷ ଅନ୍ୟ ଦେଶର ନାଗରିକମାନଙ୍କୁ ବି ଭୟଭୀତ କରିଦେଲାଣି। ଲାପିଡ୍‌ଙ୍କ ଆତ୍ମବଳ ଏବଂ ନିଜ ଉପରେ ଭରସାକୁ ମାନିବାକୁ ହେବ। ଏତେ ଟ୍ରୋଲ ସତ୍ତ୍ୱେ ସିଏ ନିଜ ମତ ବଦଳାଇଲେ ନାହିଁ। କେହି ବି ଜଣେ ହେଉ ସତ କହିବାର ସାହସ ରଖିବାକୁ ହେବ ବୋଲି ଓଲଟା କହିଲେ।

**ସମ୍ପାଦକଙ୍କୁ ପତ୍ର ଓ ସମ୍ପାଦକୀୟ ପୃଷ୍ଠା ଲାଗି ଲେଖା ପଠାଇବା ଠିକଣା**
ଇମେଲ୍- aadharodisha8@gmail.com
**ଯୋଗାଯୋଗ**-ପ୍ଲଟ୍ ନମ୍ବର-ପି-୪୨, ଲେନ୍-୧, ଫେଜ୍-୧,
ଶ୍ରୀକ୍ଷେତ୍ର ବିହାର, ଆଇଗିଣିଆ, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା

# ବାର୍ଦ୍ଧକ୍ୟରେ ବନ୍ଧୁ ସଂଖ୍ୟା

**ଡକ୍ଟର ପ୍ରଦୀପ ମହାପାତ୍ର**

ପ୍ର ବାର୍ଦ୍ଧକ୍ୟରେ ଦୁଇଗୋଟି ମୁଖ୍ୟ କାରଣରୁ ବନ୍ଧୁଙ୍କ ସଂଖ୍ୟା ହ୍ରାସ ପାଇଥାଏ । ପ୍ରଥମତଃ, ଅପେକ୍ଷାକୃତ ଦୀର୍ଘଜୀବନ ଉପଭୋଗ କରୁଥିବା ବ୍ୟକ୍ତିମାନଙ୍କ ଘନିଷ୍ଠ ବନ୍ଧୁ ମହଲରୁ କେତେକ ପରଲୋକ ଗମନ କରୁଥିବା ସ୍ଥଳେ ଅନ୍ୟ କେତେକ ସ୍ଥାନାନ୍ତର, ଅସୁସ୍ଥତା ଓ ଅପଢ଼ କାରଣରୁ ବନ୍ଧୁତ୍ୱ ବନ୍ଧନୀରୁ ଅପସରି ଯାଆନ୍ତି । ଦ୍ୱିତୀୟତଃ, ବନ୍ଧୁ ସଂଖ୍ୟା ସଂକୁଚିତ ହେବା ପରେ ନୂତନ ବନ୍ଧୁତ୍ୱ ସ୍ଥାପନ ଲାଗି ଅନେକ ଯତ୍ନବାନ ହୋଇନଥାନ୍ତି । ତେବେ ବନ୍ଧୁ ସଂଖ୍ୟା ହାନୀର ପ୍ରତିକୂଳ ପ୍ରଭାବ ବାର୍ଦ୍ଧକ୍ୟ ଜୀବନଚର୍ଯ୍ୟାରେ ସୁସ୍ପଷ୍ଟ ।

ବନ୍ଧୁତ୍ୱ ସଂପର୍କରେ ବିଗତ ଅର୍ଦ୍ଧ ଶତାବ୍ଦୀ ଧରି ସମାଜ ଶାସ୍ତ୍ରରେ ଗବେଷଣା ସଂପ୍ରସାରିତ ହୋଇଛି । ବନ୍ଧୁତ୍ୱ ଗବେଷକମାନଙ୍କ ମଧ୍ୟରେ ରବିନ ଡ଼ନବାର ଅନ୍ୟତମ । ବ୍ରିଟିଶ ନୃତତ୍ତ୍ୱ ବିତ ରବିନ ଡନବାର ଅକ୍ସଫୋର୍ଡ, କେମ୍ବ୍ରିଜ, ଲିଭରପୁଲ ଓ ବ୍ରିଷ୍ଟଲରେ ଅଧ୍ୟୟନ ତଥା ଗବେଷଣା ଶେଷରେ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟରେ ଅଧ୍ୟାପନାରତ । ସେ ଦେଢ଼ ଡଜନରୁ ଊର୍ଦ୍ଧ୍ୱ ପୁସ୍ତକ ରଚନା କରିଛନ୍ତି । ସେଥି ମଧ୍ୟରେ ବନ୍ଧୁତ୍ୱର ଦିଗଦିଗନ୍ତ ବର୍ଣ୍ଣିତ ୨୦୨୧ରେ ପ୍ରକାଶିତ 'ଫ୍ରେଣ୍ଡସ : ଅଣ୍ଡରଷ୍ଟାଣ୍ଡିଂ ଦି ପ୍ୱାର ଅଫ ଆର ମୋଷ୍ଟ ଇମ୍ପୋର୍ଟାଣ୍ଟ ରିଲେସନସିପସ' ଅନ୍ତର୍ଗତ ।

ଡ଼ନବାରଙ୍କ ଜୀବନର ପ୍ରଥମ ପର୍ଯ୍ୟାୟର ଗବେଷଣା ଆଫ୍ରିକାରେ ମାଙ୍କଡ଼ମାନଙ୍କ ସାମାଜିକ ଜୀବନ ଅନୁଧ୍ୟାନରେ କଟିଥିଲା । ପରବର୍ତ୍ତୀ କାଳରେ ପ୍ରାଣୀ ଓ ମନୁଷ୍ୟମାନଙ୍କ ବନ୍ଧୁତ୍ୱ ଆଚରଣ ସଂପର୍କରେ ସେ ପର୍ଯ୍ୟାଲୋଚନା କରିଥିଲେ । ସେ ନିଜ ତଥା ଅନ୍ୟମାନଙ୍କ ଗବେଷଣାଲବ୍ଧ ତଥ୍ୟ ଉଦ୍ଧାର କରି କହନ୍ତି ଯେ ବନ୍ଧୁତ୍ୱ ପ୍ରତ୍ୟେକ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟଗତ ଓ ମାନସିକ ଜୀବନ, ଏପରିକି ଜୀବଦ୍ଦଶାକୁ ପ୍ରଭାବିତ କରୁଥିବା ପ୍ରମାଣ ଉପଲବ୍ଧ ।

ଜଣେ ସାଧାରଣ ବ୍ୟକ୍ତି କେତେ ଜଣଙ୍କ ସହ ଅନ୍ତରଙ୍ଗ ବନ୍ଧୁତ୍ୱ ସ୍ଥାପନ କରିପାରିବ ପ୍ରଶ୍ନର ଉତ୍ତର ଡ଼ନବାର ନିର୍ଦ୍ଧାରଣ କରିଛନ୍ତି । ତାହା ଡ଼ନବାର ସଂଖ୍ୟା 'ଡ଼ନବାର ନମ୍ବରର୍ସ' ନାମରେ ଖ୍ୟାତ । ତାଙ୍କରି ବିଚାରରେ ଜଣେ ବ୍ୟକ୍ତି ନିର୍ବାଚିତ ପରିବାର ସଦସ୍ୟଙ୍କ ସମେତ ୧୫୦ ଜଣଙ୍କ ସହ ଅନ୍ତରଙ୍ଗ ବନ୍ଧୁତ୍ୱ ସ୍ଥାପନ ସଂଭବ । ବନ୍ଧୁତ୍ୱର ପ୍ରଥମସ୍ତରରେ ଅତି ଘନିଷ୍ଠଙ୍କ ସଂଖ୍ୟା ପାଞ୍ଚରେ ସୀମାବଦ୍ଧ । ଦ୍ୱିତୀୟସ୍ତରରେ ପନ୍ଦର ଜଣ ଯାଏଁ ଉତ୍ତମ ବନ୍ଧୁ ଏବଂ ତୃତୀୟସ୍ତରରେ ପଚାଶ ଜଣ ଯାଏଁ ସାଧାରଣ ବନ୍ଧୁ ସୃଷ୍ଟି ହୋଇଥାନ୍ତି । ଚତୁର୍ଥସ୍ତରରେ ଶହେ ପଚାଶ ଯାଏଁ ବ୍ୟକ୍ତିଙ୍କ ସହ ଅର୍ଥପୂର୍ଣ୍ଣ ସଂପର୍କ ଏବଂ ପଞ୍ଚମ ସ୍ତରରେ ପନ୍ଦର ଶହ ଯାଏଁ ପରିଚିତ ବ୍ୟକ୍ତିଙ୍କ ସହ ସଂପର୍କ ସ୍ଥାପିତ ହୋଇଥାଏ ।

'ଡ଼ନବାର ନମ୍ବରର୍ସ' ପାଞ୍ଚଗୋଟି ସ୍ତରର ବନ୍ଧୁଙ୍କ ମଧ୍ୟରେ ସମୟକ୍ରମେ ଗୋଟିଏ ସ୍ତରରୁ ଅନ୍ୟ ସ୍ତରକୁ ବନ୍ଧୁତ୍ୱ ଅଦଳ ବଦଳ ଲାଗି ରହିଥାଏ । ଉଦାହରଣରେ କୌଣସି କାରଣରୁ ପ୍ରଥମ ସ୍ତରର ଅତି ଘନିଷ୍ଠ ବନ୍ଧୁଙ୍କ ସହ ତିନି ବର୍ଷ ଯାଏଁ ଦେଖାସାକ୍ଷାତ ନହେଲେ ତାଙ୍କରି ସହ ସଂପର୍କ ପର୍ଯ୍ୟାୟକ୍ରମେ ପଞ୍ଚମସ୍ତର ପରିଚିତ ବର୍ଗକୁ ସ୍ଥାନାନ୍ତରିତ ହୋଇପଡ଼େ । ଡ଼ନବାରଙ୍କ ଉପପାଦ୍ୟରେ ବନ୍ଧୁତ୍ୱ ସ୍ଥାପନ 'କ୍ରିଏସନ' ଓ ପରିଚାଳନା 'ମେଣ୍ଟେନାନ୍ସ' ନିମନ୍ତେ ପ୍ରତ୍ୟକ୍ଷ ଦେଖା-ସାକ୍ଷାତ ଆଳାପ-ଆଲୋଚନା ଜରୁରି । ସଶରୀରରେ ଉପସ୍ଥିତି ମନୁଷ୍ୟ ମସ୍ତିଷ୍କରେ ଏଣ୍ଡୋର୍ଫିନସ୍ତରକୁ ଉଜ୍ଜୀବିତ କରିଥାଏ ଏବଂ ସେହି ପରିବେଶ ବନ୍ଧୁତ୍ୱ ସୃଷ୍ଟି ଓ ଦୃଢୀକରଣରେ ସହାୟକ ହୋଇଥାଏ । ଅନ୍ତରଙ୍ଗ ବନ୍ଧୁଙ୍କ ସହ ଦେଖା-ସାକ୍ଷାତ ଅଭାବରେ ମସ୍ତିଷ୍କରେ ବନ୍ଧୁତ୍ୱ ସୃଷ୍ଟି ଉତ୍ତେଜକ ପ୍ରକ୍ରିୟା ଶିଥିଳ ହେଲେ ବନ୍ଧୁତ୍ୱର ଗଭୀରତା ହ୍ରାସ ପାଇଥାଏ ।

ବାଲ୍ୟ ଓ କିଶୋର ଅବସ୍ଥାରେ ବନ୍ଧୁଙ୍କ ସଂଖ୍ୟା ଦୁଇ ଶହରୁ ଅଢ଼େଇ ଶହ ଯାଏଁ ସଂପ୍ରସାରିତ ହେଉଥିବା ଦେଖାଯାଏ । ସାଧାରଣରେ ବ୍ୟକ୍ତି ୩୦ ବର୍ଷ ବୟସରେ ପହଞ୍ଚିବା ତଥା ସନ୍ତାନ-ସନ୍ତତିଙ୍କ ଜନକ ହେବା ବେଳକୁ ବନ୍ଧୁଙ୍କ ସଂଖ୍ୟା ଦେଢ଼ ଶହକୁ କମି ଆସେ । ପଞ୍ଚଷଠି ବର୍ଷୋତ୍ତର ଅବସ୍ଥାରେ ବ୍ୟକ୍ତିଗତ ଜୀବନରେ ସର୍ବାପେକ୍ଷା କମ ସଂଖ୍ୟକ ବନ୍ଧୁ ଗଣନା କରାଯାଇଥାଏ । ୨୦୧୫ରେ ଆୟୋଜିତ ଏକ ସର୍ବେକ୍ଷଣରୁ ଜଣାଯାଇଥିଲା ଯେ ମହିଳାମାନଙ୍କ କ୍ଷେତ୍ରରେ ବନ୍ଧୁତ୍ୱ ସୃଷ୍ଟି ଓ ପରିଚାଳନାରେ କଥୋପକଥନ ପ୍ରଭାବଶାଳୀ ଭୂମିକା ନିର୍ବାହ କରୁଥିବା ସ୍ଥଳେ ପୁରୁଷମାନଙ୍କ କ୍ଷେତ୍ରରେ କଥୋପକଥନର ପ୍ରଭାବ ନଗଣ୍ୟ । ଦୈନନ୍ଦିନ ଜୀବନରେ ଆୟୋଜିତ କୌଣସି କାର୍ଯ୍ୟକ୍ରମରେ ସାମିଲ ହେବାଦ୍ୱାରା ପୁରୁଷମାନଙ୍କ ମଧ୍ୟରେ ବନ୍ଧୁତ୍ୱ ସୃଷ୍ଟି ହୋଇଥାଏ । ଉଦାହରଣରେ ପ୍ରାତଃ ଭ୍ରମଣ, ସଭା ସମିତିରେ ଯୋଗଦାନ ବା ଗୋଷ୍ଠୀଗତ ପର୍ଯ୍ୟଟନ ଇତ୍ୟାଦି ଉଲ୍ଲେଖଯୋଗ୍ୟ ।

ପ୍ରାଣୀ ଓ ମନୁଷ୍ୟମାନଙ୍କ ମସ୍ତିଷ୍କର ଆକାର ଅଧ୍ୟୟନ କରି ଡ଼ନବାର ବନ୍ଧୁତ୍ୱ ପରିଧିରେ ୧୫୦ ଜଣ ବ୍ୟକ୍ତିଙ୍କ ଉପସ୍ଥିତି ନିର୍ଯ୍ୟାସରେ ଉପନୀତ ହୋଇଥିଲେ । ପରବର୍ତ୍ତୀ କାଳରେ ଗବେଷଣାରୁ ଜଣାଯାଇଛି ଯେ ଜଣେ ପରିଚିତ ବ୍ୟକ୍ତି ସହ ବନ୍ଧୁତ୍ୱ ସ୍ଥାପନ ନିମନ୍ତେ ୩୪ ଘଣ୍ଟା ଆବଶ୍ୟକ ପଡ଼ିଥାଏ । ଏହି ସମୟସୀମାରେ ମନୁଷ୍ୟର ମସ୍ତିଷ୍କ ଗ୍ରହଣୀୟତାର



ପୁଙ୍ଖାନୁପୁଙ୍ଖ ବିଶ୍ଳେଷଣ କରି ନିଷ୍ପତ୍ତି ଗ୍ରହଣ ନିମନ୍ତେ ପ୍ରସ୍ତୁତ ହୋଇଥାଏ । ବନ୍ଧୁତ୍ୱ ସୃଷ୍ଟି ନିମନ୍ତେ ସାତଗୋଟି ସ୍ତମ୍ଭ 'ସେଭେନ ପିଲରର୍ସ ଅଫ ଫ୍ରେଣ୍ଡସିପ' ଚିହ୍ନଟ କରାଯାଇଛି : ଏକକ ଭୌଗଳିକ ପରିସୀମାରେ ବସବାସ, ନିର୍ଦ୍ଦିଷ୍ଟ ଭାଷା ବ୍ୟବହାର, ଶିକ୍ଷା କିମ୍ବା ବୃତ୍ତିଗତ ଜୀବନରେ ସାମଞ୍ଜସ୍ୟ, ସମଧରଣର ରଚି ଓ ଦୃଷ୍ଟିଭଙ୍ଗୀ, ରାଜନୀତିକ ଓ ଧାର୍ମିକ ଚିନ୍ତାଧାରା, ସଙ୍ଗୀତ ତଥା କୌତୁହଳ ପ୍ରବଣତା 'ହ୍ୟୁମର' । ଏକ ବା ଏକାଧିକ ସାମଞ୍ଜସ୍ୟ ବନ୍ଧୁତ୍ୱର ନିବିଡ଼ତା ସ୍ଥାପନରେ ସହାୟକ ହୋଇଥାଏ ।

ଡ଼ନବାର ନିଜ ସହକର୍ମୀଙ୍କ ଗହଣରେ ୧୩ ଗୋଟି ୟୁରୋପୀୟ ରାଷ୍ଟ୍ରରେ ୨୦୨୧ରେ ବନ୍ଧୁତ୍ୱ ପରିମାପ ନିମନ୍ତେ ଏକ ବଡ଼ ଧରଣର ସର୍ବେକ୍ଷଣ ଆୟୋଜନ କରିଥିଲେ । ଏଥିରୁ ଜଣାଯାଇଥିଲା ଯେ ଅନ୍ତରଙ୍ଗ ବନ୍ଧୁଙ୍କ ଅଭାବରେ ଦୁଇ ବର୍ଷ ମଧ୍ୟରେ ମାନସିକ ସ୍ୱାସ୍ଥ୍ୟ ଭଙ୍ଗ, ଏପରିକି ବ୍ୟକ୍ତିବିଶେଷ ଅବସାଦଗ୍ରସ୍ତ ହୋଇପଡୁଥିବା ଦେଖିବାକୁ ମିଳେ । ପ୍ରତ୍ୟେକ ଅନ୍ତତଃପକ୍ଷେ ପାଞ୍ଚ ଜଣ ଅନ୍ତରଙ୍ଗ ବନ୍ଧୁଙ୍କ ସଂସ୍ପର୍ଶରେ ରହିଲେ ଏହି ସମସ୍ୟାରୁ ଅନେକାଂଶରେ ମୁକ୍ତି ସମ୍ଭବ । 'ଡ଼ନବାର ନମ୍ବରର୍ସ'ରେ ସଂଖ୍ୟା ପାଞ୍ଚ ବା ପାଞ୍ଚର ଗୁଣିତକ ନିର୍ଦ୍ଧାରଣ ସଂପର୍କରେ କୁହାଯାଏ ଯେ ମାଙ୍କଡ଼ ଶ୍ରେଣୀର ପ୍ରାଣୀଙ୍କ ସାମାଜିକ ଜୀବନରେ ସଂଖ୍ୟା ପାଞ୍ଚର ପ୍ରାଧାନ୍ୟ ଅନୁଧ୍ୟାନ କରାଯାଇ ତତ୍ ଅନୁଯାୟୀ ମନୁଷ୍ୟମାନଙ୍କ କ୍ଷେତ୍ରରେ ମଧ୍ୟ ପ୍ରୟୋଗ କରାଯାଇଛି ।


'ଡ଼ନବାର ନମ୍ବର' ୧୫୦ର ପ୍ରାସଙ୍ଗିକତା ଆଦିକାଳରୁ ଉପଲବ୍ଧି କରାଯାଇଥିବା ପ୍ରମାଣ ମିଳେ । ଏକାଦଶ ଶତାବ୍ଦୀର ବ୍ରିଟିଶ ଗ୍ରାମଗୁଡ଼ିକରେ ୧୫୦ ପରିବାର ବସବାସ କରିବା ପ୍ରଥା ପ୍ରଚଳିତ ଥିଲା । କାର୍ଯ୍ୟାଳୟ, ସାମାରିକ ପ୍ରତିଷ୍ଠାନ ଓ ଆବାସ ପ୍ରକଳ୍ପଗୁଡ଼ିକରେ ସଂଖ୍ୟା ୧୫୦ ତାତ୍ପର୍ଯ୍ୟପୂର୍ଣ୍ଣ । ତେବେ 'ଡ଼ନବାର ନମ୍ବର'କୁ ବିରୋଧ ଉଦାହରଣ ମଧ୍ୟ ଭରପୁର । ଯୁକ୍ତରାଷ୍ଟ୍ର ଆମେରିକାରେ ଆୟୋଜିତ କେତେକ ଗବେଷଣାରୁ ୧୫୦ ବଦଳରେ ୨୯୦କୁ ମୌଳିକ ସଂଖ୍ୟା ଭାବେ ନିର୍ଦ୍ଧାରଣ କରାଯାଇଥାଏ । ଏକବିଂଶ ଶତାବ୍ଦୀରେ ବିଶ୍ୱବ୍ୟାପୀ ସାମାଜିକ ଗଣମାଧ୍ୟମ ପ୍ରସାରଣରେ ବୈଷୟିକ ପ୍ରଗତି ସାନ୍ନିଧ୍ୟରେ ଜନଜୀବନ ସମେତ ବାର୍ଦ୍ଧକ୍ୟ ଜୀବନଚର୍ଯ୍ୟାରେ ବ୍ୟାପକ ପରିବର୍ତ୍ତନ ସଂଘଟିତ ହୋଇଥିବା ସ୍ଥଳେ ଭବିଷ୍ୟତରେ ପ୍ରତ୍ୟକ୍ଷ ବଦଳରେ ଭର୍ଚୁଆଲ ପରିବେଶର ପ୍ରଭାବଶାଳୀ ହେବା ଆକଳନ ଯୁକ୍ତିଯୁକ୍ତ ମନେହୁଏ ।

ବାର୍ଦ୍ଧକ୍ୟରେ ବନ୍ଧୁ ସଂଖ୍ୟା ହ୍ରାସ ଏବଂ ତତ୍ ଜନିତ ନକାରାତ୍ମକ ପ୍ରଭାବ ବିଚାରକୁ ନେଇ ବନ୍ଧୁତ୍ୱର ବିଭିନ୍ନ ସ୍ତରରେ ଅନ୍ତତଃପକ୍ଷେ ପାଞ୍ଚ, ପନ୍ଦର ଓ ପଚାଶ ବନ୍ଧୁତ୍ୱ ପରିଚାଳନା ପ୍ରତି ଯୋଜନାବଦ୍ଧ ଉଦ୍ୟମ ବୁଦ୍ଧିମତାର ପରିଚୟ ଦେବ । ଜୀବନର ପଡ଼ନ୍ତି ଅପରାହ୍ନରେ ବନ୍ଧୁଙ୍କ ସଂଖ୍ୟା ଗଣତି ନିମନ୍ତେ କାଗଜ କଲମ ବା ଡ଼ିଜିଟାଲ ସ୍କ୍ରିନରେ ସମୟାନ୍ତେ ତାଲିକା ଲିପିବଦ୍ଧ କରିବା ଏବଂ ସେମାନଙ୍କ ମଧ୍ୟରୁ ଅନ୍ତତଃ ପନ୍ଦରଜଣଙ୍କ ସହ ଦେଖାସାକ୍ଷାତ ଓ ନିରନ୍ତର ସଂପର୍କ ସ୍ଥାପନ ଲାଗି ଉଦ୍ୟମରୁ ସୁଫଳ ଆଶା କରାଯାଇପାରେ । କରୋନାଭୂତାଣୁଜନିତ ମହାମାରୀରେ ଅାଢ଼େଇ ବର୍ଷ ଯାଏଁ ଗୃହାବଦ୍ଧ ଜୀବନ ଡ଼ନବାରଙ୍କ ପ୍ରତ୍ୟକ୍ଷ ଦେଖାସାକ୍ଷାତ ଉପପାଦ୍ୟର ବିରୁଦ୍ଧାଚରଣ କରିଛି । ସେହି ଉପପାଦ୍ୟ ଅନୁଯାୟୀ ତିନି ବର୍ଷ ଯାଏଁ ସଂପର୍କ ଅଭାବରେ 'ଅନ୍ତରଙ୍ଗ' ବନ୍ଧୁତ୍ୱ କ୍ରମଶଃ 'ପରିଚିତ' ବର୍ଗକୁ ଅପସାରିତ ହେବା ଆଗରୁ 'ଅନ୍ତରଙ୍ଗ' ସ୍ତରକୁ ଫେରାଇ ଆଣିବା ଉଦ୍ୟମ ତାତ୍ପର୍ଯ୍ୟପୂର୍ଣ୍ଣ ମନେ ହୁଏ ନାହିଁ କି ? ବିଗତ ତିନି ମାସରୁ କଥାବାର୍ତ୍ତା ହୋଇନଥିବା ପାଞ୍ଚଜଣଙ୍କୁ ଆଜି ହିଁ ଟେଲିଫୋନ କରନ୍ତୁ !

# ହାତୀ ମୃତ୍ୟୁରେ ରୋକ ଲାଗୁନି

ଭୁବନେଶ୍ୱର: ହାତୀ ମୃତ୍ୟୁରେ ରୋକ୍ ଲାଗୁନି । ଅସ୍ୱାଭାବିକ ପରିସ୍ଥିତିରେ ମୃତ୍ୟୁବରଣ କରୁଛନ୍ତି ଗଜରାଜ୍ । ତଦନ୍ତ ବାଟବଣା ଯୋଗୁଁ ଧରା ପଡୁନାହାନ୍ତି ଗଜରାଜଙ୍କ ହତ୍ୟାକାରୀ । ହାଇକୋର୍ଟରେ ମାମଲା ଶୁଣାଣି ପରଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ୩୭ଟି ହାତୀଙ୍କ ଜୀବନ ଗଲାଣି । ଜୁଲାଇ ମାସରୁ ବର୍ତ୍ତମାନ ପର୍ଯ୍ୟନ୍ତ ୩୭ ଟି ହାତୀଙ୍କ ମୃତ୍ୟୁର ପରିସଂଖ୍ୟାନ ଉପରେ ଟିକେ ନଜର ପକାନ୍ତୁ । ଜୁଲାଇରେ ୭ ଟି ହାତୀ, ଅଗଷ୍ଟରେ ୭, ସେପ୍ଟେମ୍ବରରେ ୬, ଅକ୍ଟୋବରରେ ୯ ଓ ନଭେମ୍ବରରେ ୮ଟି ହାତୀଙ୍କ ମୃତ୍ୟୁ ଘଟିଛି । ପ୍ରାକୃତିକ କାରଣ ଯୋଗୁଁ ୭ ଟି ହାତୀଙ୍କ ଜୀବନ ଯାଇଥିବା ବେଳେ ବିଷ କ୍ରିୟାରୁ ୧, ଶିକାର ଯୋଗୁଁ ୫, ବିଦ୍ୟୁତ୍ ତାର ଦେଇ ଶିକାରରୁ ୧୦, ବିଦ୍ୟୁତ୍ ତାର ବାଡ଼ ଦ୍ୱାରା ୨ ଓ ଅଜଣା କାରଣରୁ ୬ ଟି ହାତୀଙ୍କ ମୃତ୍ୟୁ ହେଲାଣି । ରାଜ୍ୟରେ ହାତୀ ମୃତ୍ୟୁ ରୋକିବା ପାଇଁ କଠୋର ଆଇନ ନଥିବା ଯୋଗୁଁ ଏପରି ପରିସ୍ଥିତି ଉପୁଜିଛି ବୋଲି ବନ୍ୟପ୍ରାଣୀ ବିଶେଷଜ୍ଞ କହିଛନ୍ତି ।

ସରକାରଙ୍କ ଦ୍ୱାରା ଗଠିତ ଜେଟିଏଫ୍‌ରେ ସରକାରୀ ଅଧିକାରୀ ଓ କର୍ମଚାରୀ ସାମିଲ ଅଛନ୍ତି । ଯାହାଦ୍ୱାରା ତଦନ୍ତ ବାଟବଣା ହେବା ସହ ହାତୀ ମୃତ୍ୟୁରେ ସଂପୃକ୍ତ ବ୍ୟକ୍ତି ଖସିଯିବେ ବୋଲି ସେ କହିଛନ୍ତି । ସେପଟେ ହାତୀ ମୃତ୍ୟୁ ରୋକିବା ଲାଗି ପ୍ରସ୍ତୁତ କରାଯାଇଥିବା ଆକ୍ସନ ପ୍ଲାନକୁ



ଆସନ୍ତା ଡିସେମ୍ବର ସୁଦ୍ଧା ପୂର୍ଣ୍ଣାଙ୍ଗ ରୂପ ଦିଆଯିବ । ଏହି ଆକ୍ସନ ପ୍ଲାନରେ ଥିବା କେତେକ ପ୍ରସଙ୍ଗରେ ଡିସେମ୍ବର ସୁଧା ସଫଳ ରୂପାୟନ କରାଯିବ ବୋଲି ଜଏଣ୍ଟ ଟାସ୍କ ଫୋର୍ସ ପକ୍ଷରୁ ହାଇକୋର୍ଟରେ ସତ୍ୟପାଠ ଜରିଆରେ ଦର୍ଶାଯାଇଛି । ଆସନ୍ତା ଜାନୁୟାରୀ ୧୮ ସୁଦ୍ଧା ଆକ୍ସନ ପ୍ଲାନ୍ ରିପୋର୍ଟ ଦେବ ଜଏଣ୍ଟ ଟାସ୍କ ଫୋର୍ସ । ରାଜ୍ୟର ସମସ୍ତ ହାତୀ କରିଡ଼ରକୁ ଚିହ୍ନଟ କରାଯିବ । ହାତୀ ଚଳ ପ୍ରଚଳ କରୁଥିବା ଅଞ୍ଚଳରେ ଏହି କରିଡ଼ର ଗୁଡ଼ିକୁ ଚିହ୍ନଟ କରାଯାଇ ସ୍ଥାନୀୟ ଜନସାଧାରଣଙ୍କୁ ହାତୀ ସୁରକ୍ଷା ପ୍ରସଙ୍ଗରେ ସଚେତନ କରାଯିବ । ବିଦ୍ୟୁତ୍ ଆଘାତ ଜନିତ ହାତୀ ମୃତ୍ୟୁ ଏବଂ ରେଳ ଦୁର୍ଘଟଣା ହାତୀ ମୃତ୍ୟୁ ରୋକିବା ପାଇଁ ଉଦ୍ୟମ କରାଯିବ । ଏ ନେଇ ବିଦ୍ୟୁତ୍ ବିତରଣ କମ୍ପାନୀଙ୍କ ସହ ଆଲୋଚନା ଜାରି ରହିଛି । ରେଳବାଇ ସହ ଆଲୋଚନା କରି ହାତୀ କରିଡ଼ରରେ ରେଳ ଦୁର୍ଘଟଣା ଜନିତ ହାତୀ ମୃତ୍ୟୁ ରୋକିବା ପାଇଁ ବିକଳ୍ପ ବ୍ୟବସ୍ଥା କରାଯିବ ବୋଲି ଜଏଣ୍ଟ ଟାସ୍କ ଫୋର୍ସର ସତ୍ୟପାଠରେ ଦର୍ଶାଯାଇଛି । ଜଏଣ୍ଟ ଟାସ୍କ ଫୋର୍ସରେ ବିଶିଷ୍ଟ ବନ୍ୟପ୍ରାଣୀ ବିଶେଷଜ୍ଞ ଶୁଭେନ୍ଦୁ ମଲ୍ଲିକ ଏବଂ ଡକ୍ଟର ବିଶ୍ୱଜିତ୍ ମହାନ୍ତିଙ୍କୁ ସାମିଲ କରିବାକୁ କୋର୍ଟ ପରାମର୍ଶ ଦେଇଛନ୍ତି । ଜେଟିଏଫ ଦ୍ୱାରା ପ୍ରସ୍ତୁତ ଆକ୍ସନ ପ୍ଲାନ ବିଷୟ ଗୁଡ଼ିକ ଉପରେ କେତେଦୂର କାର୍ଯ୍ୟ କରାଯାଇଛି ସେ ନେଇ ଜଣେଇବା ପାଇଁ କୋର୍ଟ କହିଛନ୍ତି । ଅନ୍ୟପଟେ ହାତୀ ଶିକାରକୁ ନେଇ ହାଇକୋର୍ଟ ଉଦବେଗ ପ୍ରକାଶ କରିଛନ୍ତି । ହାତୀ ଶିକାରକୁ ନେଇ ଦାୟାର ସମସ୍ତ ମାମଲାର ଦ୍ୱରିତ ବିଚାର ପାଇଁ ପଦକ୍ଷେପ ନେବାକୁ ଜେଟିଏଫ ସଦସ୍ୟ ତଥା ଅତିରିକ୍ତ ଏସପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଜେଟିଏଫର ସମସ୍ତ ସଦସ୍ୟ ଆଜି ଭିସି ଜରିଆରେ ଉପସ୍ଥିତ ଥିଲେ । ଏହା ସହ ଭିସି ଜରିଆରେ ବନ୍ୟପ୍ରାଣୀ ବିଶେଷଜ୍ଞ ଡାକ୍ତର ସୁକୁମାର ଅନେକ ପରାମର୍ଶ ଦେଇଥିଲେ ।

# ଶୀତଳଭଣ୍ଡାର ନାହିଁ:କ୍ଷତି ସହୁଛନ୍ତି ଟମାଟୋ ଚାଷୀ

ପଦ୍ମପୁର: ଚିନ୍ତାରେ ଟମାଟୋ ଚାଷୀ । ବୁଡିଗଲାଣି ଟମାଟୋ ଚାଷ । ଟମାଟୋ ଚାଷରୁ ମୁହଁ ଫେରାଉଛନ୍ତି ପଦ୍ମପୁର, ପାଇକମାଳ ଓ ଝାଡବନ୍ଦର ଚାଷୀ । ଶୀତଳଭଣ୍ଡାର ନଥିବାରୁ କ୍ଷେତ ମୁଣ୍ଡରେ ଦଲାଲ ହାତକୁ କୁଇଣ୍ଟାଲ କୁଇଣ୍ଟାଲ ଟମାଟୋ ଟେକି ଦେଉଛି ଚାଷୀ । ସଂରକ୍ଷଣ ପାଇଁ ସୁବିଧା ନାହିଁ । ଉତ୍ପାଦିତ ସାମଗ୍ରୀର ଠିକ୍ ମୂଲ୍ୟ ପାଉ ନାହାଁନ୍ତି ଚାଷୀ । ଶୀତଳଭଣ୍ଡାର ସ୍ୱପ୍ନ ପାଲଟିଛି । ହାଡ ଭଙ୍ଗା ପରିଶ୍ରମ କରିଲେ ହେଲେ ଲାଭ ନାହିଁ । ଟମାଟୋ ଚାଷ କ୍ଷେତ ହିଡରେ ମୁଣ୍ଡରେ ହାତ ଦେଇ ବସିଛି ଚାଷୀ । ଧାର କରଜ କରି ବରଗଡ ଜିଲ୍ଲାର ପଦ୍ମପୁର, ପାଇକମାଲ ଓ ଝାଡବନ୍ଦ ବ୍ଲକରେ ଚାଷୀ



କରଥିଲେ ଟମାଟୋ ଚାଷ । ଶହଶହ ହେକ୍ଟର କ୍ଷେତରେ ହସୁଛି ଲାଲବିଲାତି । ଗତବର୍ଷଠାରୁ ଅଧିକ ଲାଭ ପାଇଥିଲେ ଚାଷୀ । ଟ୍ରେ ପିଛା ୭ ଶହରୁ ୭ ଶହ ୫୦ ଟଙ୍କା ରହିଥିଲା । କିନ୍ତୁ ଚଳିତ ବର୍ଷ ଟମାଟୋ ଚାଷୀ ଖର୍ଚ୍ଚ କରିଥିବା ଅର୍ଥ ମିଳୁଛି କି ନାହିଁ ତାକୁ ନେଇ ଚିନ୍ତାରେ ପଡିଯାଇଛନ୍ତି । ଏବେ ଟ୍ରେ ପିଛା ଚାଷୀ ୨ଶହ ଟଙ୍କାରେ ବେପାରୀଙ୍କ ହାତକୁ ଟେକି ଦେଉଛନ୍ତି ଚାଷୀ । ବେପାରୀ ମାନେ କ୍ଷେତ ମୁଣ୍ଡରେ ଗାଡି ଲଗାଇ କୁଇଣ୍ଟାଲ କୁଇଣ୍ଟାଲ ଟମାଟୋ ଅତି ସୁଲଭ ଦରରେ ବୋହି ନେଉଛନ୍ତି । ବିଲରେ ସଢୁଛି ଲାଲ ବିଲାତି । କ୍ଷେତରେ ଖତଖାଉଛି ଟମାଟୋ । ଚାଷୀର ସ୍ୱପ୍ନ ଯେଉଁଠି ଆରମ୍ଭ ହୋଇଥିଲା ସେହିଠିହିଁ ମଉଳି ଯାଇଛି । ଲାଭ କଥା ଦୂରରେ ଥାଉ ମୂଳବି ବିଗିଡ଼ିଗଲାଣି । ରାଜ୍ୟରେ ଚାଷୀ ନାଁ ଚାଷ ପ୍ରତି ରାଜ୍ୟ ସରକାରଙ୍କର ରହିଛି ଆନ୍ତରିକତା । କେବଳ ଚାଷୀଙ୍କ ପାଇଁ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି ରାଜ୍ୟ ସରକାର । ଫଳରେ ଟମାଟୋ ଚାଷୀ ଚାଷରୁ ମୁଁହ ଫେରାଇଲେଣି ବୋଲି କହିଛନ୍ତି ବିଧାୟକ ମୁକେଶ ମହାଲିଙ୍ଗ ।

# ପାଣି ପାଇଁ ଜାତୀୟ ରାଜପଥ ଅବରୋଧ କଲେ ମହିଳା

ଫୁଲବାଣୀ : ଖରାଦିନ ନ ଆସୁଣୁ ଦେଖା ଦେଲାଣି ପାଣି ସମସ୍ୟା । ପାଣି ପାଇଁ ଫୁଲବାଣୀ ବ୍ଲକ ଆଲମି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ରୁଜଙ୍ଗି ଲେଙ୍ଗେରି ସାହିର ଉତ୍ୟକ୍ତ ଲୋକେ ବୁଧବାର ବ୍ରହ୍ମପୁର-ଫୁଲବାଣୀ ୧୫୭ ଜାତୀୟ ରାଜପଥ ରୁଜାଙ୍ଗି ଠାରେ ଗରା, ମାଠିଆ, ବାଲଟି,ରଖି ରାସ୍ତା ଅବରୋଧ କରିବା ଫଳରେ ବ୍ରହ୍ମପୁର, ବାଲିଗୁଡା, ରାୟଗଡା, ଆଦି ସ୍ଥାନକୁ ଯିବାକୁ ଥିବା ଗାଡ଼ି ମଟର ଆଦି ପ୍ରାୟ ଏକ ଘଣ୍ଟା ଧରି ଅଟକି ରହିଥିଲା । ରୁଜାଙ୍ଗିରେ ତିନୋଟି ନଳକୂପ ଥିଲେ ମଧ ସବୁଗୁଡ଼ିକ ଅଚଳ ହୋଇପଡ଼ିଛି । ସେହିପରି ପାନୀୟ ଜଳ ଯୋଗାଣ ପ୍ରକଳ୍ପ ମଧ ଅଚଳ, ମରାମତି କରିବା ପାଇଁ ବିଭାଗକୁ ବାରମ୍ବାର ଜଣେଇ ଥିଲେ ବି ସୁଫଳ ମିଳିଲା ନାହିଁ ଫଳରେ ଗତ ଚାରି ମାସ ହେଲା ପାନୀୟ ଜଳ ସୁବିଧା ନ ପାଇ ହନ୍ତସନ୍ତ ହେଉଥିଲେ ରୁଜାଙ୍ଗି ଲେଙ୍ଗେରି ସାହି ଗ୍ରାମବାସୀ । ଫଳରେ ବାଧ ହୋଇ ରାସ୍ତା ଅବରୋଧ କରିବାକୁ ପଡ଼ିଲା ବୋଲି ଗ୍ରାମର ସୁବାସିନୀ ବେହେରା, ସୁକୁମାରୀ ବେହେରା କହିଛନ୍ତି । ତେବେ ଖବର ପାଇ ସଦର ଥାନା ପୁଲିସ, ସରପଞ୍ଚ ଭରତ କହଁର ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝା ସୁଝା କରି ଦୁଇ ଦିନ ମଧ୍ୟରେ ପାନୀୟ ଜଳ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା ଓ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା । ତେବେ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ଅଧିକ୍ଷଣ ଯନ୍ତ୍ରୀଙ୍କୁ ପଚାରିବାରୁ ଗ୍ରାମବାସୀ ମନେ ପୂର୍ବରୁ ଜଣେଇଥିଲେ ପନୀୟଜଳ ସମସ୍ୟା ସମାଧାନ ହୋଇ ପାରିଥାନ୍ତା, ବର୍ତ୍ତମାନ ଅତିଶୀଘ୍ର ସେମାନଙ୍କ ସମସ୍ୟା ଦୂର କରାଯିବ ବୋଲି ଅଧିକ୍ଷଣ ଯନ୍ତ୍ରୀ ଇଂ ବି.କେ ଦାସ କହିଛନ୍ତି ।


# ମନ୍ଥର ଗତିରେ ପୋଲ ନିର୍ମାଣ

କୋରାପୁଟ: କୋରାପୁଟ ବ୍ଲକ୍‌ର ବଡ଼ଶୁକୁ ପଞ୍ଚାୟତର ପିତାଇ ଓ ଶିରସି ଗାଁ । ଏହି ଦୁଇ ଗ୍ରାମରୁ ସବୁ ଦିନ ୨୫ ଜଣ ଛାତ୍ରଛାତ୍ରୀ ବିପଦଶଙ୍କୁଳ ଭାବରେ ଡଙ୍ଗା ପାର ହୋଇ ପାଠ ପଢିବାକୁ ଯାଆନ୍ତି ସୁକୁ ଠାରେ ଥିବା ହାଇସ୍କୁଲକୁ । ଜିଲ୍ଲାର ଦୁର୍ଗମ ଅଞ୍ଚଳରେ ଥିବା କୋଲାବ ଶାଖା କୁଳରୁ ରସି ଟାଣି ଛାତ୍ରଛାତ୍ରୀ ନୌକାରେ ବସି ନୀତି ଦିନିଆ ଅସୁରକ୍ଷିତ ଭାବେ ପଢ଼ିବାକୁ ଯାଉଛନ୍ତି । ସେପଟେ ଗାଁର ଅଧିକାଂଶ ଜମି ନଦୀ ଆର ପଟେ ରହିଛି। ଯେଉଁଠିକୁ ନିଜର ଜୀବନ ଜୀବିକା ପାଇଁ ପିତେଇ ଗ୍ରାମର ଅନେକ ମହିଳା ପୁରୁଷମାନେ ଚାଷ କରିବାକୁ ଯାଆନ୍ତି ଓ ଧାନ ମାଣ୍ଡିଆ ଇତ୍ୟାଦି କାଟିବାକୁ ଯାଇଥାନ୍ତି । ଏପରିକି ହଳ କରିବାକୁ ମଧ ବଳଦ ନେଇକି ଯାଉଥିବା ଜଣାପଡିଛି ।

ସୁକୁ ଗ୍ରାମ ପଞ୍ଚାୟତକୁ ବାର୍ଦ୍ଧକ୍ୟ ଭତ୍ତା ପାଇଁ ମଧ ବୃଦ୍ଧ ବୃଦ୍ଧା ଡଙ୍ଗାର ସାହାରା ନେଇ ଥାଆନ୍ତି । ମେଡିକାଲ ସେବା ପାଇଁ ମଧ ଏହି ଡଙ୍ଗାରେ ଯାତାୟାତ କରନ୍ତି । ସବୁଠୁ ଆଶ୍ଚର୍ଯ୍ୟର ବିଷୟ ଏହି ଡଙ୍ଗାକୁ ସୁକୁ ଗ୍ରାମରୁ ମାସିକ ପାଞ୍ଚ ହଜାର ଭଡାରେ ଗ୍ରାମବାସୀ ଆଣିଛନ୍ତି ଓ ଚାନ୍ଦା କରି ଦେଇଥାନ୍ତି । ଏହି ଡଙ୍ଗାର ଆହୁଲା ନାହିଁ , ନଦୀର ଏ ପଟୁ ଗୋଟେ ଦଉଡ଼ି ସେପଟୁ ଗୋଟେ ଦଉଡ଼ି ଧରି ଟାଣି ଟାଣି ଝିକି ଝିକି ନେବାକୁ ପଡୁଛି । ଡିଜିଟାଲ ଦୁନିଆରେ ପାଠପଢା ପାଇଁ ଭରା ନଇରେ ନୌକାରେ ବସି ପାର ହେଉଛନ୍ତି ଛାତ୍ରଛାତ୍ରୀ । କେବେ ଯେ ଏହା ଉପରେ ସରକାରଙ୍କ ନଜର ପଡ଼ିବ ଏବଂ ଏହାର ସମାଧାନ ହେବ ତାକୁ ହିଁ ଅପେକ୍ଷା ।

# ମହେନ୍ଦ୍ରଗିରିକୁ ଜୈବ ବିବିଧତା ଐତିହ୍ୟସ୍ଥଳୀ ମାନ୍ୟତା

ରାୟଗଡା: ମହେନ୍ଦ୍ରଗିରିକୁ ଜୈବବିବିଧତା ଐତିହ୍ୟସ୍ଥଳୀ ମାନ୍ୟତା ମିଳିଛି । ଦୁଇଟି ଜଙ୍ଗଲର ୪୨୫୦ ହେକ୍ଟର ଅଞ୍ଚଳ ସାମିଲ । ୧୩୪୮ ପ୍ରଜାତିର ଉଦ୍ଭିଦ, ୩୮ ପ୍ରଜାପତି ପ୍ରାଣୀ ଅଛନ୍ତି । ରାଜ୍ୟ ଜୈବବିବିଧତା ବୋର୍ଡର ସମସ୍ତ ନିୟମାବଳୀର ସମସ୍ତ ସର୍ତ୍ତକୁ ମହେନ୍ଦ୍ର ଗିରି ପୂରଣ କରୁଥିବାରୁ ତାହାକୁ ଜୈବ ବିବିଧତା ଐତିହ୍ୟସ୍ଥଳୀ ଭାବେ ଘୋଷଣା କରାଯାଇଛି । ଗଜପତି ଜିଲ୍ଲା ରାୟଗଡା ବ୍ଲକ୍‌ର ମହେନ୍ଦ୍ରଗିରି ପର୍ବତକୁ ରାଜ୍ୟର ଦ୍ୱିତୀୟ ଜୈବ ବିବିଧତା ଐତିହ୍ୟସ୍ଥଳୀର ମାନ୍ୟତା ପ୍ରଦାନ କରାଯାଇଛି । ଐତିହାସିକ, ପୌରାଣିକ, ପ୍ରତ୍ନତାତ୍ତ୍ୱିକ ତଥା ପରିବେଶର ଗୁରୁତ୍ୱ ବହନ କରୁଥିବା ମହେନ୍ଦ୍ରଗିରି ପର୍ବତମାଳା ରହିଛି । ଜୈବ ବିବିଧତା ଐତିହ୍ୟସ୍ଥଳୀର ମାନ୍ୟତା ଲାଗି ରାଜ୍ୟ ଜୈବ ବିବିଧତା ବୋର୍ଡ ପକ୍ଷରୁ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ପ୍ରସ୍ତାବ ପଠାଯାଇଥିଲା, ଯାହାକୁ ବିଭାଗ ପକ୍ଷରୁ ମୋହର ଲଗାଯାଇଛି । ଏଥିସହିତ ବିଭାଗ ପକ୍ଷରୁ କୁହାଯାଇଛି ଯେ ମହେନ୍ଦ୍ରଗିରିକୁ ଜୈବବିବିଧତା ଐତିହ୍ୟସ୍ଥଳୀ ମାନ୍ୟତା ଦେବା ଲାଗି ଗଣ୍ଡାହାତୀ ମଧ ଜୈବ ବିବିଧତା ପରିଚାଳନା କମିଟି (ବିଏମ୍ ସି), ମୋହନା ବିଧାୟକ, ପାରଳାଖେମୁଣ୍ଡି ଡିଏଫ୍ ଓ ଓ ସେଚ୍ଛାସେବୀ ସଙ୍ଗଠନ ପ୍ରସ୍ତାବ ରଖିଥିଲେ । ୨୦୨୦ ମସିହା ସେପ୍ଟେମ୍ବର ମାସ ୧୩ ତାରିଖରେ ସ୍ଥାନୀୟ ଗ୍ରାମସଭାରେ ଅନୁମୋଦନ ମିଳିଥିଲା । ଏ ନେଇ ସ୍ଥାନୀୟ ବାସିନ୍ଦା କହିଛନ୍ତି କି



ମହେନ୍ଦ୍ରଗିରି ପର୍ବତମାଳା ପ୍ରତ୍ୟେକ ବର୍ଷ ଲକ୍ଷ୍ୟ ଲକ୍ଷ୍ୟ ପର୍ଯ୍ୟଟକଙ୍କ ଭିଡ଼ ଜମୁଛି, ପର୍ଯ୍ୟଟକଙ୍କ ପାଇଁ ଆଉ କିଛି ସୁବିଧା କରିଥିଲେ ଭଲ ହୋଇଥାନ୍ତା କହିଛନ୍ତି ।

ଘଞ୍ଚ ଜଙ୍ଗଲ ପାହାଡ ଓ ନଦନଦୀର ସମାହାରରେ ପରିପୂର୍ଣ୍ଣ ଗଜପତି ଜିଲ୍ଲାର ଏହି ପର୍ବତମାଳା ଏକଦା ଦୁର୍ଗମ ଅଞ୍ଚଳ ଭାବେ ଜଣାଶୁଣା । ପର୍ବତମାଳାର ୧୯ % ଅଂଶ ଉପରେ ସ୍ଥାନୀୟ ଜନଜାତି ନିର୍ଭର କରୁଛନ୍ତି । ବିସ୍ତୀର୍ଣ୍ଣ ଜଙ୍ଗଲରେ ପ୍ରଚୁର ଶାଳ, ପିଆଶାଳ, ଶାଗୁଆନ, ଚନ୍ଦନ, ଶିଶୁ, ଅସନ ଭଳି ବିଶାଳ ବୃକ୍ଷ ଭରି ରହିଛି । ଆହୁରି କୁହାଯାଇଛି ଯେ ରାମାୟଣ, ମହାଭାରତ ଯୁଗ ସହିତ ପ୍ରକୃତିର ଏହା ଅନନ୍ୟ ସୃଷ୍ଟି । ବିଶ୍ୱର ଯେତିକି ପ୍ରକାରର ଉଦ୍ଭିଦ ଅଛନ୍ତି, ଏଥିରୁ ୪୦% ପ୍ରଜାତିର ଉଦ୍ଭିଦ ଏହି ମହେନ୍ଦ୍ରଗିରି ପର୍ବତରେ ରହିଛନ୍ତି । ମହେନ୍ଦ୍ରଗିରି ଏଭଳି ୫ ଟି ପ୍ରଜାତିର ଗଛ ରହିଛି । ଯାହା ବିଶ୍ୱରେ ଅନ୍ୟ କୌଣସି ସ୍ଥାନରେ ନାହିଁ । ଓଡ଼ିଶା ସରକାର ଏହି ସ୍ଥାନକୁ ୧୯୫୮ ରେ ଐତିହ୍ୟସ୍ଥଳୀ ଭାବେ ଘୋଷଣା କରିବା ସହ ସଂରକ୍ଷଣ ଦିଗରେ ପଦକ୍ଷେପ ନେଇଥିଲେ । କାରଣ ଏଠାରେ କୁନ୍ତୀ, ଭୀମ, ଅର୍ଜୁନ, ଯୁଧିଷ୍ଠିରଙ୍କ ପୁରାତନ ମନ୍ଦିର ରହିଛି । ଯେଉଁଠିକୁ ପ୍ରତିବର୍ଷ ଲକ୍ଷାଧିକ ଶ୍ରଦ୍ଧାଳୁ ପୂଜାର୍ଚ୍ଚନା କରିବାକୁ ଆସିଥାନ୍ତି ।





# ଓଡ଼ିଶାରେ ଶିଳ୍ପ ମହାରଥୀଙ୍କ ମହାମିଳନ

## ଆରମ୍ଭ ହେଲା ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭର ତୃତୀୟ ସଂସ୍କରଣ


## ମନମୋହିଲା ଡ୍ରୋନ୍ ଏବଂ ଲେଜର୍ ସୋ'

ଭୁବନେଶ୍ୱର: ଓଡ଼ିଶା ଶିଳ୍ପ ଜଗତରେ ସୃଷ୍ଟି ହୋଇଛି ନୂଆ ଅଧ୍ୟାୟ । ଭୁବନେଶ୍ୱରରେ ଲାଗିଛି ଦେଶ ବିଦେଶର ପ୍ରମୁଖ ଶିଳ୍ପପତିଙ୍କ ଭିଡ଼ । ଜନତା ମଇଦାନରେ ଏକାଠି ହୋଇଛନ୍ତି ଶତାଧିକ ଶିଳ୍ପ ମହାରଥୀ । ବୁଧବାରଠାରୁ ଆରମ୍ଭ ହୋଇଛି ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍-୨୦୨୨ । ଶିଳ୍ପପତିମାନଙ୍କ ଏହି ୫ ଦିନିଆ ମହାସମାବେଶକୁ ବୁଧବାର ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଛନ୍ତି । ନିବେଶକମାନଙ୍କୁ ଓଡ଼ିଶାରେ ପୁଞ୍ଜିନିବେଶ ପାଇଁ ଆକୃଷ୍ଟ କରିବା ଲାଗି ଆୟୋଜିତ ମେକ୍ ଇନ୍ ଓଡ଼ିଶାର ତୃତୀୟ ସଂସ୍କରଣରେ ୬ ଲକ୍ଷ କୋଟି ଟଙ୍କାରୁ ଅଧିକ ପୁଞ୍ଜି ଆସିବା ନେଇ ସରକାର ଆଶା ରଖିଛନ୍ତି । ସରକାର ୨୦୧୬ରେ ଆୟୋଜନ କରିଥିବା ମେକ୍ ଇନ୍ ଓଡ଼ିଶାର ପ୍ରଥମ ଏବଂ ୨୦୧୮ରେ କରିଥିବା ଦ୍ୱିତୀୟ ସଂସ୍କରଣରେ ଆସିଥିବା ମୋଟ ନିବେଶ ତୁଳନାରେ ଚଳିତ ଥର ଅଧିକ ନିବେଶ ଆସିବ । ୫ ଦିନ ଧରି ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ଦକ୍ଷତା ବିକାଶ, ମହିଳା ଉଦ୍ୟୋଗ, ଷ୍ଟାର୍ଟଅପ୍, ସବୁଜ ଶକ୍ତି, ଇସ୍ପାତ ଓ ଖଣି, ବାଣିଜ୍ୟ ଓ ପରିବହନ, ପ୍ରତିରକ୍ଷା ଏବଂ ବିମାନସେବା, ସ୍ୱାସ୍ଥ୍ୟସେବା ଓ ଫାର୍ମା, ରିଅଲ ଇଷ୍ଟେଟ, ଜୈବପ୍ରଯୁକ୍ତି, ପର୍ଯ୍ୟଟନ, ଲଜିଷ୍ଟିକ୍ସ ଆଦି ପ୍ରସଙ୍ଗ ଉପରେ ବିଶେଷଜ୍ଞମାନେ ଯୋଗଦେଇ ଆଲୋଚନା କରିବେ । ପୂର୍ବରୁ ଦେଶର ବିଭିନ୍ନ ସହରରେ ରାଜ୍ୟ ସରକାରଙ୍କ ପକ୍ଷରୁ ରୋଡ୍ ସୋ'ର ଆୟୋଜନ କରାଯାଇଥିଲା । ଏଥିରେ ବହୁ ବଡ଼ ବଡ଼ ଶିଳ୍ପପତି ସାମିଲ ହୋଇ ସେମାନଙ୍କର ସମର୍ଥନ ଦେଇଥିଲେ । ଚୀନ୍, ଅଷ୍ଟ୍ରେଲିଆ, ଜାପାନ, ନରୱେ, ନେପାଳ, ବାଂଲାଦେଶ ଓ ଥାଇମାଣ୍ଡ ପ୍ରଭୃତି ଦେଶର ନିବେଶକ କନକ୍ଲେଭରେ ଯୋଗଦେବାକୁ ସହମତି ପ୍ରକାଶ କରିଛନ୍ତି । ମେକ୍ ଇନ୍ ଓଡ଼ିଶାର ତୃତୀୟ ସଂସ୍କରଣର ଉଦ୍‌ଘାଟନୀ ଉତ୍ସବରେ ଡ୍ରୋନ୍ ଏବଂ ଲେଜର ସୋ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା । ପ୍ରଥମେ ଭାରତ ନିର୍ମିତ ୬୦୦ ଡ୍ରୋନ ଜରିଆରେ ଓଡ଼ିଶାର କୋଣାର୍କ ମନ୍ଦିର, ପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା, ପୁରୀର ତିନି ତିନିଟି ରଥ, ଓଡ଼ିଶୀ ନୃତ୍ୟ ଶିଳ୍ପୀଙ୍କ ନୃତ୍ୟ ମୁଦ୍ରା ଦର୍ଶକଙ୍କ ମନ ମୋହିଛି । ଆକାଶରେ ଆଲୋକର ଏହି ଛଟା ଜନତା ମଇଦାନରେ ଉପସ୍ଥିତ ଦର୍ଶକ ଏବଂ ରାଜଧାନୀର ଅନ୍ୟ କିଛି ଅଞ୍ଚଳର ଲୋକଙ୍କୁ ବିଭୋର କରିଥିଲା । ସେହିଭଳି ପରଦାରେ ଲୋକମାନେ ଅଲିଭ ରିଡଲେ ଏବଂ ହାତୀ ଆଦି ପ୍ରାଣୀ ସଂପଦକୁ ମଧ୍ୟ ଦେଖିଥିଲେ । ନୃତ୍ୟ ଓ ସଙ୍ଗୀତରେ ଓଡ଼ିଶାର ବିକାଶ ମେକ୍ ଇନ୍ ଓଡ଼ିଶାର ଉଦ୍‌ଘାଟନୀ ଉତ୍ସବରେ କଳାକାରମାନେ ନୃତ୍ୟ, ସଙ୍ଗୀତ ମାଧ୍ୟମରେ ଓଡ଼ିଶାର ରୂପାନ୍ତରକୁ ଉପସ୍ଥାପନ କରି ଦର୍ଶକଙ୍କ ମନ ମୋହିଛନ୍ତି । ଓଡ଼ିଶାର ଧର୍ମ, କଳା, ସଂସ୍କୃତି, କ୍ରୀଡ଼ା, ଚିତ୍ରକଳା, ପ୍ରାକୃତିକ ସଂପଦ, ପ୍ରାକୃତିକ ବିପର୍ଯ୍ୟୟ ଫନି ଏବଂ ତାହାର ମୁକାବିଲା, ଶିକ୍ଷା, ସାହିତ୍ୟ, ପାରମ୍ପରିକ କାରିଗରୀ କାର୍ଯ୍ୟ, ଚିତ୍ରକଳା, ଐତିହ୍ୟ, ମହିଳା ସଶକ୍ତୀକରଣ ଆଦି ବିଷୟକୁ ନିଖୁଣଭାବେ ଉପସ୍ଥାପିତ କରାଯାଇଥିଲା । ଧର୍ମ କ୍ଷେତ୍ରରେ ନୀଳମାଧବ ମନ୍ଦିରରୁ ଆରମ୍ଭ କରି ଜଗନ୍ନାଥ ଚେତନା, ଦେବୀଙ୍କ ଆରାଧନା, ଶିକ୍ଷା କ୍ଷେତ୍ରରେ ସତ୍ୟବାଦୀସ୍ଥିତ ବକୁଳ ବନ ବିଦ୍ୟାଳୟରୁ ମୋ ସ୍କୁଲ୍ ଓ କଲେଜ, ସାହିତ୍ୟ ଏବଂ ଶିକ୍ଷା କ୍ଷେତ୍ରରେ ଫକୀର ମୋହନଙ୍କ ରେବତୀ ଗଳ୍ପଠାରୁ ଆରମ୍ଭ କରି ସ୍ମାର୍ଟ ସ୍କୁଲ୍, ମୋ କଲେଜ, ଦକ୍ଷତା ବିକାଶ କ୍ଷେତ୍ରରେ ଓଡ଼ିଶାର ଉଚ୍ଚମାନର ଶିକ୍ଷା, ଉଚ୍ଚଶିକ୍ଷା କ୍ଷେତ୍ରରେ ରାଜ୍ୟରେ ଗିଉଠିଥିବା ଅନେକ ଘରୋଇ ବିଶ୍ୱବିଦ୍ୟାଳୟ, ରାଜନୀତି କ୍ଷେତ୍ରରେ ଓଡ଼ିଶାର ରାଇରଙ୍ଗପୁରରୁ ଦିଲ୍ଲୀର ରାଇସିନା ହଲ୍‌କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଯାତ୍ରା, ଖାଦ୍ୟ ଉତ୍ପାଦନ କ୍ଷେତ୍ରରେ ଏକ ଗରିବ ରାଜ୍ୟଭାବେ ଏକଦା ପରିଗଣିତ ଓଡ଼ିଶା ଦେଶର ଭାତହାଣ୍ଡିରେ ପରିଣତ ହେବା ଖଣି, ପାଣି ଓ ଜଙ୍ଗଲ ଆଦି ବିପୁଳ ପ୍ରାକୃତିକ ସଂପଦର ଉପଲବ୍ଧତା ଆଦିକୁ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଗୋଟିଏ ପରେ ଗୋଟିଏ ଉପସ୍ଥାପନ କରାଯିବା ବେଳେ ତାହା ଅନେକଙ୍କୁ ଅଭିଭୂତ କରିଥିଲା ।















# ଶାହାରୁଖଙ୍କ ମହଙ୍ଗା ସମ୍ପତ୍ତି

**ବଲିଉଡ୍ ସୁପରଷ୍ଟାର ଶାହାରୁଖ ଖାନଙ୍କ କୌଣସି ପରିଚୟର ଆବଶ୍ୟକତା ନାହିଁ । ସେ କେବଳ ଦେଶରେ ନୁହେଁ ବିଦେଶରେ ମଧ୍ୟ ଲୋକପ୍ରିୟତାକୁ ଖୁବ ଉପଭୋଗ କରନ୍ତି । ଯଦିଓ ଶାହାରୁଖ ଖାନଙ୍କୁ ଦୀର୍ଘ ଦିନ ହେବ କୌଣସି ଫିଲ୍ମରେ ଲିଡ୍ ରୋଲ୍‌ରେ ଦେଖିବାକୁ ମିଳିନି, କିନ୍ତୁ ସେ ପ୍ରତିଦିନ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରନ୍ତି । ସେ କୋଟି କୋଟି ଟଙ୍କା ସମ୍ପତ୍ତିର ମାଲିକ । ତାଙ୍କ ପାଖରେ ଏମିତି ଅନେକ ଜିନିଷ ଅଛି, ଯାହା କେବଳ ବିଳାସପୂର୍ଣ୍ଣ ଜିନିଷ ନୁହେଁ ବରଂ ସେଗୁଡିକ ମଧ୍ୟ ତାଙ୍କୁ ରୋଜଗାର ଦେଇଥାଏ । ତେବେ ଆସନ୍ତୁ ବଲିଉଡ୍‌ର କିଙ୍ଗ୍ ଖାନଙ୍କ ମୂଲ୍ୟବାନ ଜିନିଷଗୁଡ଼ିକ କ'ଣ ସେସବୁ ଜାଣିନେବା ।**



**ମନ୍ନତ:** ଶାହାରୁଖ ଖାନଙ୍କ ପାଖରେ ଏମିତିରେ ତ ଅନେକ ସମ୍ପତ୍ତି ଅଛି, କିନ୍ତୁ ତାଙ୍କ ଘର 'ମନ୍ନତ' କୌଣସି ଏକ ପ୍ରାସାଦଠାରୁ କମ୍ ନୁହେଁ । ଶାହାରୁଖ ଖାନଙ୍କ ଘର ତାଙ୍କର ଅନ୍ୟ ସବୁ ସମ୍ପତ୍ତି ଠାରୁ ମହଙ୍ଗା ବୋଲି କୁହାଯାଏ । ଅଭିନେତା ଏହି ଘରକୁ ଜଣେ ପାରସୀ ପରିବାର ଠାରୁ ୧୩.୪ କୋଟିରେ କିଣିଥିଲେ କିନ୍ତୁ ଆଜି ଏହାର ମୂଲ୍ୟ ୨୦୦ କୋଟିରୁ ଅଧିକ ।

**ରେଡ୍ ଚିଲିସ୍ ଏଣ୍ଟର୍ଟେନ୍ମେଣ୍ଟ ପ୍ରଡକ୍ସନ୍ସ:** ଶାହାରୁଖ ଖାନ୍ ଅଭିନୟ ସହିତ ପ୍ରଡକ୍ସନ୍ ହାଉସ୍‌କୁ ମଧ୍ୟ ବେଶ ଭଲ ଟଙ୍କା ରୋଜଗାର କରନ୍ତି । ନିକଟରେ ତାଙ୍କ ପ୍ରଡକ୍ସନ୍ ହାଉସ୍‌ରେ ନିର୍ମିତ 'ଡାର୍ଲିଙ୍ଗ' ଚଳଚ୍ଚିତ୍ର ଓଟିଟି ପ୍ଲାଟ'ଫର୍ମରେ ମୁକ୍ତିଲାଭ କରିଥିଲା । ଏହି ଚଳଚ୍ଚିତ୍ରଟି ବହୁତ ପ୍ରଶଂସା ମଧ୍ୟ ପାଇଥିଲା । ଏକ ରିପୋର୍ଟ ଅନୁଯାୟୀ, ୨୦୧୭–୧୮ରେ ରେଡ୍ ଚିଲିସ୍‌ର ମୋଟ ଆୟ ପ୍ରାୟ ୪୦୦ କୋଟି ଟଙ୍କା ଥିଲା ।

**ଦାମୀ କାର୍:** ଶାହାରୁଖ ଖାନ ମହଙ୍ଗା ଯାନକୁ ଖୁବ୍ ଭଲ ପାଆନ୍ତି । ଅଭିନେତାଙ୍କର ଗୋଟିଏ କିମ୍ବା ଦୁଇଟି ନୁହେଁ ଅନେକ ଗାଡି ଅଛି । ଏହିସବୁ ଗାଡି ମଧ୍ୟରେ ଦୁନିଆର ସବୁଠାରୁ ମହଙ୍ଗା ହେଉଛି 'ବୁଗାଟୀ ବେରୋନ୍' । ଏହାର ମୂଲ୍ୟ ୧୪ କୋଟି । ଏହା ବ୍ୟତୀତ ଶାହାରୁଖଙ୍କ ପାଖରେ ୪ କୋଟିର ବେଣ୍ଟଲି କଣ୍ଟିନେଣ୍ଟାଲ ଜିଟି, ୪.୧ କୋଟିର ରୋଲ୍ସ ରାଏସ୍, ୨.୬ କୋଟିର ବିଏମ୍‌ଡବ୍ଲ୍ୟୁ ଆଇ–୮, ୨ କୋଟିର ବିଏମ୍‌ଡବ୍ଲ୍ୟୁ–୭, ୧.୩ କୋଟି ଟଙ୍କାର ବିଏମ୍‌ଡବ୍ଲ୍ୟୁ ୬ ସିରିଜ୍ କାର୍ ରହିଛି । ତାଙ୍କ ପାଖରେ ଏକ ଭାନିଟି ଭ୍ୟାନ ମଧ୍ୟ ଅଛି ଯାହାର ମୂଲ୍ୟ ୩.୮ କୋଟି ଟଙ୍କା ।

**ଆଇପିଏଲ୍ ଟିମ୍:** ଶାହାରୁଖ୍ ଖାନ୍ ଇଣ୍ଡିଆନ୍ ପ୍ରିମିୟର୍ ଲିଗ୍ ଟିମ୍ କୋଲକାତା ନାଇଟ୍ ରାଇଡର୍ସର ସହ–ମାଲିକ । ରିପୋର୍ଟ ଅନୁସାରେ ଏହାର ବ୍ରାଣ୍ଡ ମୂଲ୍ୟ ୫୪୮ କୋଟି ଟଙ୍କା ।

**ବିଦେଶରେ ସମ୍ପତ୍ତି:** ଖବର ଅନୁଯାୟୀ, ଲଣ୍ଡନର ମଧ୍ୟ ଭାଗରେ ଥିବା ପାର୍କ ଲେନ୍‌ରେ ଶାହାରୁଖ ଖାନଙ୍କର ପ୍ରାୟ ୧୭୨ କୋଟି ଟଙ୍କାର ଏକ ବଙ୍ଗଳା ଅଛି । ଏହା ସହିତ ଦୁବାଇର ପ୍ରସିଦ୍ଧ ପାମ୍ ଜୁମେରାରେ ଅଭିନେତାଙ୍କର ପ୍ରାୟ ୧୧୦ କୋଟି ଟଙ୍କାର ଏକ ବଙ୍ଗଳା ରହିଛି ।

## ସାମନ୍ଥା ହେଲେ ନଂ ୧ ଅଭିନେତ୍ରୀ



ଫିଲ୍ମ 'ପୁଷ୍ପା'ର ସଫଳତା ପରେ ରଶ୍ମିକାଙ୍କ ଲୋକପ୍ରିୟତା ବଢ଼ିବାରେ ଲାଗିଛି । ଏହି ଚଳଚ୍ଚିତ୍ରରେ ଆଇଟମ୍ ଗୀତ କରିଥିବା ସାମନ୍ଥା ବି କମ୍ ନୁହନ୍ତି । ସେ ମଧ୍ୟ ଏବେ ଚର୍ଚ୍ଚାରେ ଅଛନ୍ତି । କେବଳ ଏତିକି ନୁହେଁ, ସାମନ୍ଥା ଲୋକପ୍ରିୟତା ଦୃଷ୍ଟିରୁ ବଲିଉଡର ଭେଟେରାନ ଅଭିନେତ୍ରୀମାନଙ୍କୁ ମଧ୍ୟ ପଛରେ ପକାଇଛନ୍ତି । ଓରମାକ୍ସ ମିଡିଆ ଅକ୍ଟୋବର ୨୦୨୨ ପାଇଁ ମୋଷ୍ଟ ଲୋକପ୍ରିୟ ମହିଳା ଷ୍ଟାରର ତାଲିକା ପ୍ରକାଶ କରିଛି । ଯେଉଁଥିରେ ସାମନ୍ଥାଙ୍କ ନାମ ଶୀର୍ଷରେ ଅଛି ।

ଏହି ତାଲିକାରେ ସାମନ୍ଥା ପ୍ରଥମ ସ୍ଥାନରେ ଥିବାବେଳେ ଆଲିଆ ଭଟ୍ଟ ଦ୍ୱିତୀୟ ସ୍ଥାନରେ ଅଛନ୍ତି । ଏହି ତାଲିକାରେ ବଲିଉଡ ଅଭିନେତ୍ରୀଙ୍କୁ ସାଉଥ ଅଭିନେତ୍ରୀମାନେ କଡ଼ା ଟକ୍କର ଦେଇଛନ୍ତି । ଏହି ତାଲିକାରେ ଦୀପିକା ପାଦୁକୋନ ୫ମ ସ୍ଥାନରେ ଅଛନ୍ତି । ଏହି ତାଲିକାରେ ତାଙ୍କ ଆଗରେ ନୟନତରା ଏବଂ କାଜଲ ଅଗ୍ରୱାଲ ଅଛନ୍ତି । ରଶ୍ମିକା ମନ୍ଦନା ଷଷ୍ଠ ସ୍ଥାନରେ ଏବଂ କ୍ୟାଟ୍ରିନା କୈଫ ସପ୍ତମ ସ୍ଥାନରେ ଅଛନ୍ତି । ଅନୁଷ୍କା ଶେଟ୍ଟୀ ୮ମ, କିର୍ତ୍ତୀ ସୁରେଶ ୯ମ ଏବଂ ତ୍ରିଶା ଦଶମ ସ୍ଥାନରେ ରହିଛନ୍ତି । ପ୍ରସିଦ୍ଧ ଅଭିନେତ୍ରୀଙ୍କ ଏହି ତାଲିକାରେ ସାଉଥ ସିନେମାର ଅଭିନେତ୍ରୀମାନେ ନିଜ ଦବଦବା ଜାହିର କରିଛନ୍ତି ।

# କମ୍ ବୟସରେ କେଶ ଧଳା ହେଉଥିଲେ ଆପଣାନ୍ତୁ ଏହି ଉପାୟ

**ପ୍ରତ୍ୟେକ ମଣିଷର ପ୍ରାୟ ୩୫ ବର୍ଷ ବୟସ ପରେ ମୁଣ୍ଡରେ କେଶର ରଙ୍ଗ ଧୂସର ବା ଧଳା ହେବା ଆରମ୍ଭ କରେ । ଏହା ଏକ ସାଧାରଣ ପ୍ରକ୍ରିୟା, ଯେଉଁ ରାସ୍ତା ଦେଇ ସମସ୍ତଙ୍କୁ ଯିବାକୁ ପଡିଥାଏ । ଆଉ ଯେତେବେଳେ ମୁଣ୍ଡର କେଶ ବୟସ ପୂର୍ବରୁ ଧଳା ଦେଖାଯିବା ଆରମ୍ଭ ହୁଏ, ସେତେବେଳେ ସମସ୍ୟା ଉପୁଜେ । ଏହି କାରଣରୁ, କୌଣସି ସ୍ଥାନକୁ ଯିବା–ଆସିବା ବେଳେ ଲଜ୍ଜା ଅନୁଭବ ହୋଇଥାଏ । ଏହା ସହିତ, ବ୍ୟକ୍ତିର ଆତ୍ମବିଶ୍ୱାସ ମଧ୍ୟ କମିଥାଏ । ଯଦି ଆପଣ ମଧ୍ୟ ଏହିପରି ସମସ୍ୟାର ସମ୍ମୁଖୀନ ହେଉଛନ୍ତି, ତେବେ ନିଶ୍ଚିତ ଭାବରେ ଆପଣଙ୍କ ଖାଦ୍ୟରେ ଭିଟାମିନ୍–ସି ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ଏବେ ଏହାର ସମାଧାନ ପାଇଁ ୪ଟି ଘରୋଇ ଟିପ୍ସ ବ୍ୟବହାର କରିବା ଆରମ୍ଭ କରନ୍ତୁ । ଯାହା ଆପଣଙ୍କ କେଶକୁ ଧଳା ହେବାରୁ ରୋକି ପାରିବ ।**

- କେଶର ଧଳାପଣକୁ ରୋକିବା ପାଇଁ ଅଁଳା ପ୍ରତିକାର ଆପଣଙ୍କ ପାଇଁ ଲାଭଦାୟକ ହୋଇପାରେ । ସପ୍ତାହରେ ଥରେ ଅଁଳା ଗ୍ରାଇଣ୍ଡ୍ କରନ୍ତୁ ଏବଂ ଏହାକୁ ମୁଣ୍ଡରେ ଲଗାନ୍ତୁ । ଯାହା ଫଳରେ ପ୍ରଚୁର ପରିମାଣରେ ଭିଟାମିନ୍–ସି ମିଳିବ, ଯେଉଁ କାରଣରୁ କେଶ ପୂର୍ବ ପରି କଳା ରହିବ ।
- ଯେଉଁମାନଙ୍କର କେଶ ସମୟ ପୂର୍ବରୁ ଧଳା ହୋଇଯାଏ, ସେମାନେ ଭ୍ରିଙ୍ଗରାଜ ତେଲ କିମ୍ବା ଭ୍ରିଙ୍ଗରାଜ ପାଉଡର ମଧ୍ୟ ବ୍ୟବହାର କରିପାରିବେ । ଭ୍ରିଙ୍ଗରାଜକୁ ଲଗାଇବାର ଅଧ ଘଣ୍ଟା ପରେ, ସାମ୍ପୁରେ କେଶ ଧୋଇ ଦିଅନ୍ତୁ । ଏହା ଆପଣଙ୍କୁ ବହୁତ ଲାଭ ଦେବ ।
- ସେହିପରି ପିଆଜ ମଧ୍ୟ ଅନେକ ଔଷଧୀୟ ଗୁଣରେ ସମୃଦ୍ଧ ବୋଲି ବିବେଚନା କରାଯାଏ। କେଶ ଧଳା ହେବାର ସମସ୍ୟାର ମୁକାବିଲା ପାଇଁ ପିଆଜ ରସ ବାହାର କରି ତ୍ୱଚାରେ ଲଗାନ୍ତୁ ଏବଂ ଏହାକୁ ହାଲୁକା ହାତରେ ମାଲିସ୍ କରନ୍ତୁ । ଏହା ଦ୍ୱାରା ପିଆଜ ରସ ଆପଣଙ୍କ କେଶର ମୂଳରେ ପ୍ରବେଶ କରିବ, ଯେଉଁ କାରଣରୁ ଆପଣଙ୍କ କେଶ ପୂର୍ବପରି ପ୍ରାକୃତିକ ଭାବରେ କଳା ହେବ ।
- ଖାଦ୍ୟରେ ଭୃସଙ୍ଗ ପତ୍ର ବ୍ୟବହାର କରାଯାଏ । କେଶରେ ଏହାର ବ୍ୟବହାର କରିବା ପାଇଁ, ଭୃସଙ୍ଗ ପତ୍ରକୁ ଗ୍ରାଇଣ୍ଡ୍ କରନ୍ତୁ । ଏହା ପରେ ସେଥିରେ କିଛି ପାଣି ମିଶାଇ ଏହାକୁ କେଶରେ ଲଗାନ୍ତୁ । ସପ୍ତାହରେ ଥରେ ଏହି ପ୍ରତିକାର କରନ୍ତୁ । ଫଳରେ କେଶ ପୂର୍ବ ପରି କଳା ରହିବ ।



# ଶୀତ ମହୌଷଧି ମହୁ



ଶୀତଦିନେ ନିଜ ଶରୀରର ବିଶେଷ ଧ୍ୟାନ ରଖିବା ନିହାତି ଆବଶ୍ୟକ । କୁହାଯାଏ, ଥଣ୍ଡା ସମୟରେ ମହୁର ସେବନ ଶରୀର ପକ୍ଷେ ଲାଭଦାୟକ ହୋଇଥାଏ । କାରଣ ଏଥିରେ ଭରି ରହିଛି ଆଇରନ୍, ପୋଟାସିୟମ୍, କାର୍ବୋହାଇଡ୍ରେଟ୍ ପରି ଅନେକ ଗୁଣକାରୀ ପୋଷକ ତତ୍ତ୍ୱ । ଫଳରେ ଏହାର ସେବନଦ୍ୱାରା ଅନେକ ରୋଗରୁ ଉପଶମ ମିଳିଥାଏ । ଯେମିତିକି: ଶରୀରକୁ ସୁସ୍ଥ, ନୀରୋଗ ଏବଂ ଫୂର୍ତ୍ତି ରଖିବାରେ ଏହା ବିଶେଷ ସାହାଯ୍ୟ କରିଥାଏ । ତେଣୁ ଆୟୁର୍ବେଦରେ ମହୁକୁ ଅମୃତ ସହ ତୁଳନା କରାଯାଇଥାଏ । ପାଚନକ୍ରିୟାକୁ ଠିକ୍ ରଖିବା, ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ବି ମହୁର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଶୀତଦିନେ ଏହାକୁ ସେବନ କଲେ ଶରୀରରେ ଫୂର୍ତ୍ତି ଆସିଥାଏ ବୋଲି ବିଶ୍ୱାସ ରହିଛି । ଶୀତ ଯୋଗୁ ଥଣ୍ଡା, କାଶ ହେଉଥିଲେ ମହୁ ଓ ଅଦା ରସ ଖାଇଲେ ଅନେକାଂଶରେ ମୁକ୍ତି ମିଳେ । ଏପରିକି ପ୍ରତିଦିନ ସକାଳେ ଖାଲି ପେଟରେ ଗୋଟିଏ ଚାମଚ ମହୁ ଖାଇଲେ ଥଣ୍ଡା, କାଶ, ଜ୍ୱର ଆଦି ସମସ୍ୟାରୁ କେତେକାଂଶରେ ଉପଶମ ମିଳିଥାଏ । ମହୁ ସହିତ କିଛି ଗୋଲମରିଚ ଗୁଣ୍ଡକୁ ମିଶାଇ ଖାଇଲେ ମଧ୍ୟ କାଶ ଶୀଘ୍ର ଭଲ ହୋଇଯାଏ ବୋଲି ଆୟୁର୍ବେଦରେ ଉଲ୍ଲେଖ ରହିଛି । ଏହାଛଡ଼ା ଶୀତଦିନେ ଅନେକଙ୍କର ମୁହଁ, ଓଠ ଆଦି ଫାଟିଯାଏ ଏ କ୍ଷେତ୍ରରେ ପ୍ରତିଦିନ ଦଶ ମିନିଟ୍ ଲେଖାଏଁ ଅଳ୍ପ ମହୁକୁ ନେଇ ମୁହଁ ଓ ଓଠରେ ମାଲିସ୍ କରି ପାଣିରେ ଧୋଇଦେଲେ ତ୍ୱଚାରେ ଚମକ୍ ଆସିବା ସହ ଫଟା ସମସ୍ୟା ମଧ୍ୟ ଭଲ ହୋଇଯାଏ ।

## ସାପ୍ତାହିକ ରାଶିଫଳ




ଜ୍ୟୋତିର୍ବିଦ୍ୟା ପଣ୍ଡିତ ଗ୍ରହାଃଚାର୍ଯ୍ୟ
ଶ୍ରୀ ବ୍ରହ୍ମାନନ୍ଦ ନାୟକ
ଯୋଗାଯୋଗ-୯୯୩୭୬୭୨୭୦୨



**ମେଷ**

୨ ଓ ୩ ମନ ଅସ୍ଥିର, ଗୃହ ଓ ବାହ୍ୟ ପରିସ୍ଥିତି ନେଇ ଅଶାନ୍ତି । ୪ ଓ ୫ ଘାତବାର, ଯାନବାହନ ପ୍ରତି ସାବଧାନ । ୬ କାର୍ଯ୍ୟକ୍ରମରେ ମନ ଠିକ୍ ରହିବ । ୭ ଓ ୮ କଲ୍ୟାଣୀଚନ୍ଦ୍ର ଯୋଗୁ କୌଣସି ଅସୁବିଧା ନାହିଁ । ମହିଳାମାନେ ଗୃହକର୍ମେ ଆନନ୍ଦ ସହିତ ରତ୍ ରହିବେ । ବିଦ୍ୟାର୍ଥୀ ଶିକ୍ଷା ମାର୍ଗରେ ରହିବେ ।




**ବୃଷ**

୨ ଓ ୩ ପ୍ରତ୍ୟେକ କର୍ମେ ଉଦ୍‌ଯୋଗମନ ହେବ । ସ୍ୱାସ୍ଥ୍ୟ ଭଲ ରହିବ । ୪ ଓ ୫ କାର୍ଯ୍ୟ କଳାପରେ ମାନ୍ଦା ରହିବ । ଖର୍ଚ୍ଚାନ୍ତରେ ରହିବେ । ୬ କୌଣସି ପରିବର୍ତ୍ତନ ନାହିଁ । ଅସ୍ଥିରତା ଭାବ, କାର୍ଯ୍ୟହାନୀ । ୭ ଓ ୮ ଦୈନିକ କାର୍ଯ୍ୟରେ ରତ୍ ରହିବେ । ମହିଳାମାନେ ଶରୀର କଷ୍ଟରେ ପୀଡ଼ିତ ରହିବେ ।




**ମିଥୁନ**

୨ ଓ ୩ କର୍ମକ୍ଷେତ୍ରେ ଶୁଭ । ବାହ୍ୟସ୍ତ୍ରରୁ କିଛି ଅର୍ଥପ୍ରାପ୍ତ ହୋଇପାରେ । ୪ ଓ ୫ ଦେବପୂଜନ, ଶୁଭକାମ ପାଇଁ ମନବଳାଇବେ । ପ୍ରତ୍ୟେକ କାର୍ଯ୍ୟକୁ ହାସଲ କରିପାରିବେ । ୬ କୌଣସି ପରିବର୍ତ୍ତନ ନାହିଁ । ୭ ଓ ୮ ପ୍ରତ୍ୟେକ କାର୍ଯ୍ୟରେ ବିଘ୍ନ ଘଟିବ । ମହିଳାମାନେ ଗୃହ କର୍ମରେ ରତ୍ ରହିବେ ।




**କର୍କଟ**

୨ ଓ ୩ କଲ୍ୟାଣୀଚନ୍ଦ୍ର ଯୋଗୁ ଯଥାକଥାରେ ସମୟ କଟିବ । ୪ ଓ ୫ ଆୟ ତୁଳନାରେ ବ୍ୟୟ ଅଧିକ । ୬ ପ୍ରିୟ ଲୋକଙ୍କ ଦ୍ୱାରା ସାହାଯ୍ୟ ମିଳିପାରେ । ୭ ଘାତବାର ଯୋଗୁ ନିରବତା ଫଳ । ୮ ପ୍ରତ୍ୟେକ କ୍ଷେତ୍ରେ ଲାଭବାନ ହେବେ । କିଛି ଅର୍ଥ ମିଳିପାରେ । ମହିଳାମାନେ ସେବାରେ ଲିପ୍ତ ରହିବେ ।




**ସିଂହ**

୨,୩ ଓ ୪ ରିଖଟି ଆୟ ଓ କର୍ମକ୍ଷେତ୍ରେ ମାନ୍ଦା । ଶରୀର ମନପ୍ରାଣ ଅସୁସ୍ଥ ରହିବ । ଗୁରୁଜନଙ୍କ ପାଇଁ ଚିନ୍ତାରେ ରହିବେ । ୫ ଓ ୬ କିଛି ପରିବର୍ତ୍ତନ ନାହିଁ । ସମଫଳ । ୭ ଓ ୮ ମାନବୃଦ୍ଧି, ମନ, ଶରୀର ଏକପ୍ରକାର ଭଲ ରହିବ । ଆୟ ଓ ବ୍ୟୟ ସମାନ ରହିବ । ମହିଳାମାନେ ଗୃହଧନ୍ଦାରେ ରହିବେ ।




**କନ୍ୟା**

୨ ଆପଣଙ୍କ ପାଇଁ ପ୍ରତ୍ୟେକ କ୍ଷେତ୍ରେ ଶୁଭ । ୩ ଘାତବାର, ମନ ବ୍ୟସ୍ତ ରହିବ । କୌଣସି କାମରେ ମନ ଭଲ ଲାଗିବ ନାହିଁ । ୪,୫ ଓ ୬ କୌଣସି ପରିବର୍ତ୍ତନ ନାହିଁ । ୭ ଓ ୮ କିଛି ମାତ୍ରାରେ ପରିବର୍ତ୍ତନ । ଗୃହ ପରିସ୍ଥିତି ଭଲ ରହିବ । ମହିଳାମାନେ ନିଜ ନିଜ ଗୃହ କର୍ମରେ ରହିବେ ।




**ତୁଳା**

୨ ଓ ୩ ବ୍ୟବସାୟ, କର୍ମକ୍ଷେତ୍ରେ ଓ ଆୟକ୍ଷେତ୍ରେ ସମୟ ଭଲ ରହିବ । ଶୁଭକାର୍ଯ୍ୟରେ କିଛି ଅର୍ଥବ୍ୟୟ କରିପାରନ୍ତି । ଗୃହର ସମସ୍ତ ପରିବାରଙ୍କ ସହିତ ପରିବେଶ ଭଲ ରହିବ ।୪ ଘାତବାର । ୫ ଓ ୬ ପରହସ୍ତ ଧନ କିଛିମାତ୍ରାରେ ମିଳିପାରେ । ମହିଳାମାନେ ପରିବାର ବର୍ଗେ ଖୁସିର ପାତ୍ର ହେବ ।




**ବିଛା**

୨ ଘାତବାର । ଦୂରଯାତ୍ରା ମନା । ୩ କଲ୍ୟାଣୀଚନ୍ଦ୍ର ଯୋଗୁ ମିଶ୍ରଫଳ । ୪,୫ ଓ ୬ ଦୈନିକ କର୍ମଦ୍ୱାରା ଶାନ୍ତି ପାଇବେ । ଗୃହେ ଖୁସି । ୭ ଓ ୮ କର୍ମକ୍ଷେତ୍ରେ ଶୁଭଦାୟକ । ମନଟି ଖୁସି ରହିବ । ଅଟକି ରହିଥିବା କାମଗୁଡ଼ିକୁ ପୂରଣ କରିବାରେ ସଫଳ । ମହିଳା ନିଜର ଦାୟିତ୍ୱ କାମକୁ ବଜାୟ ରଖିବେ ।




**ଧନୁ**

୨ ଘାତବାର, ତେଣୁ ପ୍ରତ୍ୟେକ କାର୍ଯ୍ୟକ୍ରମେ କ୍ଷତିକାରକ ।୩ ରିଖ କିଛି ପରିବର୍ତ୍ତନ ନାହିଁ । ୪ ଘାତଚନ୍ଦ୍ର, ଯାତ୍ରାବିଧିକରଣକୁ ମନା । ୫ କଲ୍ୟାଣୀଚନ୍ଦ୍ର ଯୋଗୁ ଯଥାକଥାରେ ସମୟ କଟିବ । ୬, ୭ ଓ ୮ କୌଣସି ପ୍ରକାରେ ଗୁଜୁରାଣ ମେଣ୍ଟାଇ ପାରିବେ । ମହିଳାମାନେ ଗୃହ କର୍ମରେ ରତ୍ ରହିବେ ।




**ମକର**

୨ ଓ ୩ ମନ ଚଞ୍ଚଳ ରହିବ । ଆୟ ଓ ବ୍ୟୟ ସମାନ । ଗୃହର ସମସ୍ତ ପରିସ୍ଥିତିକୁ ସମ୍ଭାଳିବାରେ ସାମର୍ଥ ହେବେ । ୪ ମନପ୍ରାଣ ଭଲ ରହିବ । ପରହସ୍ତ ଧନ ହାତକୁ ଆସିପାରେ । ୫ ଓ ୬ ମଧ୍ୟମ ମିଶ୍ରଫଳ କାର୍ଯ୍ୟକଳାପ ସମସ୍ତର ରହିବ । ମହିଳା ପ୍ରତ୍ୟେକ କାର୍ଯ୍ୟକୁ ସୁଚାରୁରୂପେ ସମ୍ଭାଳି ନେବେ।



**କୁମ୍ଭ**

୨ ଓ ୩ କଲ୍ୟାଣୀଚନ୍ଦ୍ର ଯୋଗୁ ଶାନ୍ତି ପାଇବେ । ୪,୫ ଓ ୬ ପ୍ରତ୍ୟେକ କାର୍ଯ୍ୟକ୍ରମରେ ସୁସ୍ଥିର ଭାବେ ଚଲାଇପାରିବେ । ମନପ୍ରାଣ ଭଲ ରହିବ । ୭ ଓ ୮ ମଧ୍ୟମ ଫଳ । ଗୃହ ପରିବେଶ ଅଶାନ୍ତି ଦେଖାଦେବ । ମହିଳାମାନେ ଆନନ୍ଦ ସହିତ ଗୃହକାର୍ଯ୍ୟକୁ ସମ୍ଭାଳି ନେବେ ।



**ମୀନ**

ଏହି ରାଶିପାଇଁ ୨ ଓ ୩ ଘାତବାର । ଯାନବାହନ ପ୍ରତି ସାବଧାନ । ୪, ୫ ଓ ୬ କିଛି ପରିବର୍ତ୍ତନ ନାହିଁ । ଗୃହ ଜଞ୍ଜାଳ ପରିସ୍ଥିତି ନେଇ ଅଶାନ୍ତିରେ ରହିବେ । ୭ ଓ ୮ କିଛି ମାତ୍ରାରେ ସାନ୍ତ୍ୱନା ଫଳ । ଶରୀର ଅସୁସ୍ଥ ଦେଖାଦେବ । ମହିଳା ଗୃହ କାମରେ ଲିପ୍ତ ରହିବେ ।

# ଡଙ୍ଗରିଆଙ୍କୁ ଠକୁଛି ଓପଲିପି ସଂସ୍ଥା

କଲ୍ୟାଣସିଂହପୁର/ରାୟଗଡା: ଓପଲିପି ସଂସ୍ଥାର ଦୁର୍ନୀତି ଚରମ ସୀମାରେ ପହଞ୍ଚିଥିବା ବେଳେ ପ୍ରଶାସନ ହାତ ବାନ୍ଧି କାହିଁକି ବସିଛି ତାହା ତଦନ୍ତ ସାପେକ୍ଷ । ଚଳିତ ମାସ ସ୍ଥାନୀୟ ଡ଼ଙ୍ଗରିଆ ଲୋକଙ୍କ ଅଭିଯୋଗ ଅନୁସାରେ ୫ ତାରିଖରେ ଏକ ଦୁର୍ନୀତିର ପର୍ଦ୍ଦାଫାଶ କରାଯାଇଥିଲା । ମାତ୍ର ଦୁର୍ନୀତିକୁ ସୁଧାରିବା ପ୍ରତି ବଦଳରେ ନିରୀହ ଆଦିବାସୀଙ୍କୁ କିଛି ଗୁଣ୍ଡା ଶ୍ରେଣୀୟ ଲୋକଙ୍କ ଦ୍ୱାରା ଧମକଚମକ ଦିଆଯାଉଥିବା ଜଣାପଡ଼ିଛି । ଏଥିସହ ପାରସାଲି ଘାଟି ଅଞ୍ଚଳରେ ଯେଉଁ ପ୍ରଧାନମନ୍ତ୍ରୀ ପାଇଖାନା ଯୋଜନା କରାଯାଇଛି ତାହା ସଂପୂର୍ଣ୍ଣ ଭାବରେ ଫେଲ ମାରିଛି । କାରଣ ଟିଣ ୩ଟି ଡେରିଦେଇ ଠିକାଦାର ଓ ଯନ୍ତ୍ରୀ ସବୁଟଙ୍କା ହଡପ କରିଥିବା ଚିତ୍ରରୁ ସ୍ପଷ୍ଟ ବାରିହେଉଛି । ତାହା ତଦନ୍ତ କଲେ ଜଣାପଡିବ । ଓପିଲିପି ନାମକ ଏକ ସଂସ୍ଥା ଓଡିଶା ଆଦିବାସୀ ଶ୍ରମଜୀବୀ କୃଷି ଜୀବକା ମିଶନ ନାଁରେ ଡ଼ଙ୍ଗରିଆଙ୍କ ପୋଖରୀରେ କୃଷିର ଉତ୍ପାଦନ ଓ ଗ୍ରାମୀଣ ଅନ୍ତର୍ଗତ ଚାଷୀଙ୍କୁ ଆର୍ଥିକ ସହଯୋଗ କରିବା ସଂଗେ ସଂଗେ କାମ ଯୋଗାଇବା ପାଇଁ ଏହି ସଂସ୍ଥାକୁ ଦାୟିତ୍ୱ ଦେଇଛି ବିଭାଗ । ଏଥିପାଇଁ କୋଟି କୋଟି ଟଙ୍କା ବ୍ୟୟ କରାଯାଉଥିବା ଜଣାପଡିଛି । ଯାହା କି ବିଭାଗୀୟ ଯନ୍ତ୍ରୀମାନେ ଚଳୁ କରୁଥିବା ଦେଖିବାକୁ ମିଳିଛି । ଏହିଭଳି ଅଭିଯୋଗ ହେଉଛି କଲ୍ୟାଣସିଂହପୁର ବ୍ଳକ ଅଂଚଳରେ ଥିବା ଡ଼ଙ୍ଗରିଆଙ୍କ ଅଞ୍ଚଳରେ । ରାୟଗଡା ଜିଲ୍ଲାରେ ବିଷମକଟକ ଓ କଲ୍ୟାଣସିଂହପୁର ବ୍ଲକ୍‌ର କେତେକ ପଞ୍ଚାୟତରେ ଏହିସଂସ୍ଥା କାମ କରୁଥିବା ଦେଖିବାକୁ ମିଳିଛି । ଏହାର ଅଧୀନରେ ଗ୍ରାମକୁ ପାନୀୟଜଳ ଯୋଗାଇବା, କୃଷି ଉତ୍ପାଦନ ଓ ଜଳସେଚନ ପାଇଁ ପୋଖରୀ ଖୋଳା, ସେଚନ ବ୍ୟବସ୍ଥା କରିବା, ଗୋପାଳନ ପାଇଁ ଗୁହାଳ ଗୃହନିର୍ମାଣ କରାଇଦେବା ଭଳି ଅନେକ ପ୍ରକଳ୍ପ ରହିଛି । ଯାହା କି ସବୁ ଅଧାପନ୍ତରିଆ ହୋଇ ପଡ଼ି ରହିଛି । ମନରେଗା ଯୋଜନାରେ ପଲିଗାଁ ଓ ରାଇଲିମର ପୋଖରୀ ଖନନ କରାଯାଇଥିଲେ ମଧ୍ୟ ଏହି କାମରେ ଜଣେ ହେଲେ ଶ୍ରମିକ ନିୟୋଜିତ ହୋଇ ନାହାଁନ୍ତି । ଜେସିବି ମାଧ୍ୟମରେ କାମକରି ଯନ୍ତ୍ରୀ ଓ ଠିକାଦାର ହଡପ କରିଥିବା ଜଣାପଡିଛି । ସେହିଭଳି ପଲିଗାଁର ଉପର ପଲି ପାଖରେ ଏକ ପୋଖରୀ ଖୋଳା ହେବାପାଇଁ ଗୋଟିଏ ଜେସିବି ମେସିନ ଆସି ରହିଛି । ଏହାର ନାମ ଫଳକ ଲଗାଯାଇନାହ । ଏନେଇ ବିଭାଗର କନିଷ୍ଠ ଯନ୍ତ୍ରୀଙ୍କୁ ପଚାରିବାରୁ କୌଣସି ଉତ୍ତର ମିଳିନି । ସେହିଭଳି ଜେସିବି ମେସିନରେ କାମ କରିବା ବେଆଇନ ଅଟେ । କାରଣ ଅଞ୍ଚଳର ଶ୍ରମିକଙ୍କୁ କାମ ଯୋଗାଇବା ଓ ଟଙ୍କା ରୋଜଗାର କ୍ଷମ କରିବା ଉଦ୍ଦ୍ୟେଶରେ ଏହି ଯୋଜନା । ସେହିଭଳି ଗୁହାଳ କଥା ନ କହିବା ଭଲ । କାରଣ ଏହି ଅଞ୍ଚଳର ପାଞ୍ଚୋଟି ଗୁହାଳ ଅଧାପନ୍ତରିଆ ହେରଇ ପଡିରହିଛି । ସେହିଭଳି ନନ୍ଦିନୀଗାଁରେ ପାନୀୟ ଜଳ ଯୋଗାଇଦେବା ନାଁରେ ଖାଲି ପାଇପ ବିଛାଇ ସବୁଟଙ୍କା ହଡପ କରିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ପ୍ରକାଶ ଥାଉ କି ଏହି ଗ୍ରାମ ମାନଙ୍କରେ ପାନୀୟ ଜଳ ଅଭାବ ଥିବାରୁ ବିଡ଼ିଓଙ୍କୁ ଭେଟି ଫେରାଦ ହେଇଥିଲେ । ସେତେବେଳେ ଟ୍ୟାଙ୍କର ଜରିଆରେ ପାନୀୟ ଜଳ ଯୋଗାଇ ଦିଆଯାଇଥିଲା ତାପରେ ଘରକୁ ପାଣି ଯୋଗାଇଦେବା ନାଁରେ ଟଙ୍କା ଖର୍ଚ୍ଚହେଲା କିନ୍ତୁ ଲୋକ ଉପକୃତ ହେଇ ପାରି ନାହାନ୍ତି । ତେଣୁ ବିଭାଗୀୟ ଅବହେଳା ଓ ଯନ୍ତ୍ରୀଙ୍କ ମନମୁଖୀ କାମ ଯୋଗୁଁ ଏଭଳି ସରକାରୀ ଅର୍ଥ ବାଟ ମାରଣା ହେଉଛି । ତେଣୁ ଜିଲ୍ଲାପାଳ ଏଥିରେ ହସ୍ତକ୍ଷେପ କରି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ।


# ଜିଲ୍ଲାସ୍ତରୀୟ ମଣ୍ଡେଇ ଉତ୍ସବର ଶୁଭାରମ୍ଭ

ନବରଙ୍ଗପୁର: ନବରଙ୍ଗପୁର ବ୍ଲକ୍‌ବାସିନୀ ପଞ୍ଚାୟତ ବେତାଳ ଗାଁ ମାଁ ଭଣ୍ଡାର ଘରଣୀ ପୀଠରେ ପୂଜାଅର୍ଚ୍ଚନା କରି ଶୁଭାରମ୍ଭ କରାଯାଇଛି । ଜିଲ୍ଲାପାଳ ତଥା ଜିଲ୍ଲା ସଂସ୍କୃତି ପରିଷଦ ଅଧ୍ୟକ୍ଷ ଡଃ. କମୋଳ ଲୋଚନ ମିଶ୍ରଙ୍କ ପୌରହିତରେ ପୂଜା ଅର୍ଚ୍ଚନା କରାଯାଇଥିଲା । କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଉପେନ୍ଦ୍ର ଗଣ୍ଡ ଯୋଗଦେଇ ଆଦିବାସୀ ସଂସ୍କୃତି, କଳା, ସାହିତ୍ୟ ଓ ବିକାଶ ଉପରେ ଗୁରୁତ୍ୱ ଦେଇଥିଲେ । ଏହି ମଣ୍ଡଇ ମହୋତ୍ସବ ଜିଲ୍ଲାର ଆଦିବାସୀଙ୍କ ଲୁକ୍କାୟୀତ ପ୍ରତିଭାକୁ ଲୋକ ଲୋଚନକୁ ଆଣି ପାରୁଛି ବୋଲି କହିଥିଲେ ।

ଏହି ଉଦ୍‌ଘାଟନୀ ଉତ୍ସବରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଡଃ.ମିଶ୍ର ନବରଙ୍ଗପୁର ଜିଲ୍ଲାର ଭାଷା ସଂସ୍କୃତି, ପରମ୍ପରା, ନୃତ୍ୟ ଗୀତର ସ୍ୱତନ୍ତ୍ରତା ରହିଛି । ମଣ୍ଡେଇ ମାଧ୍ୟମରେ ଜିଲ୍ଲାର ସଂସ୍କୃତିକୁ ମନେ ପକାଯାଉଛି । ନବରଙ୍ଗପୁର ଜନଜାତି ଜିଲ୍ଲା ହୋଇଥିବା ବେଳେ ଏଠାକାରକଳା ସଂସଂସ୍କୃତିର ସମାହାରର ମଣ୍ଡେଇ ଉତ୍ସବ । ମଣ୍ଡେଇ ଜିଲ୍ଲାର ପରିଚୟ ଓ ଗୌରବ । ଲୋକ ମୋହତ୍ସବ ମଣ୍ଡେଇ ମହୋତ୍ସବ ବ୍ୟବସାୟୀକ ଭାବେ ପାଳନ କରାଯାଉ ନାହିଁ । ଆସନ୍ତା ଡ଼ିସେମ୍ବର ୧୦ ରୁ ୧୪ ପର୍ଯ୍ୟନ୍ତ ନବରଙ୍ଗପୁରରେ ହେବାକୁ ଥିବା ମୁଖ୍ୟ ଉତ୍ସବରେ ଜିଲ୍ଲାବାସୀ ବିପୁଳ ସଂଖ୍ୟାରେ ଯୋଗଦେଇ କଳା ସଂସ୍କୃତିର ସମାରୋହ ମଣ୍ଡେଇକୁ ସଫଳ କରିବାକୁ ଆହ୍ୱାନ କରିଥିଲେ । ଜିଲ୍ଲାପରିଷଦ ଉପାଧ୍ୟକ୍ଷା ଲିପିକା ବାରୋଇ ଏହି ଉତ୍ସବକୁ ସଫଳ କରିବାପାଇଁ ନିବେଦନ କରିଥିଲେ । ଏମପିଙ୍କ ପ୍ରତିନିଧି ବାବୁଲି ମିଶ୍ର ଭଣ୍ଡାରଘରଣୀ ପିଠର ମହାତ୍ମ୍ୟ ସମ୍ପର୍କରେ କହିବା ସହ ମଣ୍ଡେଇ ଆମ ଜିଲ୍ଲାରଏକ ମୁଖ୍ୟପର୍ବ ଏହି ପର୍ବ ନାଁରେ ଲୋକ ମହୋତ୍ସବ ମଣ୍ଡେଇ ନାମିତ କରାଯାଇଛି ବୋଲି କହିଥିଲେ । ଏହି ସମାରୋହରେ ଅତିରିକ୍ତ ଜିଲ୍ଲାପାଳ ଭାସ୍କର ରାଇତ, ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ରାଉତ, ପ୍ରକଳ୍ପ ପ୍ରଶାସକ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ବେଣୁଧର ଶବର, ଅଧିକ୍ଷଣ ଯନ୍ତ୍ରୀ ରାସ୍ତା ଓ କୋଠା ବାଡ଼ି ବିଭାଗ ପ୍ରଫୁଲ୍ଲ କୁମାର ମିଶ୍ର, ଅଧିକ୍ଷଣ ଯନ୍ତ୍ରୀ ଗ୍ରାମ୍ୟ ଉନ୍ନୟନ ବିଭାଗ ରାଜେନ୍ଦ୍ର ପ୍ରସାଦ ଆଚାର୍ଯ୍ୟ, ଜିଲ୍ଲା ସଂସ୍କୃତି ଅଧିକାରୀ ଘାଶିଆ ହରିଜନ, ଜିଲ୍ଲା କ୍ରୀଡ଼ା ଅଧିକାରୀ ମହେନ୍ଦ୍ର କୁମାର ସାହୁ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ସ୍ୱର୍ଣ୍ଣଲତା ବିଶ୍ୱାସ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର, ଉପାଧ୍ୟକ୍ଷା ସ୍ୱତନ୍ତ୍ର ବିକାଶ ପରିଷଦ ଭାନୁମତୀ ପୁଝାରୀ, ନନ୍ଦିନୀ ସମରଥ, ଜିଲାପରିଷଦ ସଭ୍ୟାଜୋନ(୧) ଜୟାମଣି ସମରଥ, ଜିଲାପରିଷଦ ସଭ୍ୟା (୨) ପରିଜା ଭତରା, ବାସିନୀ ସରପଂଚ ଟଙ୍କଧର ରନ୍ଧାରୀ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ଅତିଥି ମାନଙ୍କ ଦ୍ୱାରା ମଣ୍ଡେଇ ପୋଷ୍ଟର ଉନ୍ମୋଚନ ହୋଇଥିଲା । ସଭାପରେ ସ୍ଥାନୀୟ କଳାକାର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ବାର୍ଦ୍ଧକ୍ୟ ଭତା ଓ ଏମ୍‌ଜିଏନ୍‌ଆରଇଜିଏସ୍ କାର୍ଯ୍ୟାଦେଶ ହିତାଧିକାରୀ ମାନଙ୍କୁ ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମ ଆରମ୍ଭରେ ବେତାଳ ବିଦ୍ୟାଳୟ ନିକଟରୁ ଏକ ବିଶାଳ ଶୋଭାଯାତ୍ରା ବାହାରି ଭଣ୍ଡାର ଘରଣୀ ମନ୍ଦିର ପର୍ଯ୍ୟନ୍ତ ପହଞ୍ଚିଥିଲା ।

## ଶିକ୍ଷା

ପ୍ରତିଯୋଗିତାମୂଳକ ପରୀକ୍ଷାରେ ଇଂଲିଶ୍ ବାକ୍ୟର ବ୍ୟାକରଣଜନିତ ଭ୍ରମ ସଂଶୋଧନ ଏକ ଅନିର୍ବାଯ୍ୟ ଅଙ୍ଗ। ଛାତ୍ରୀଛାତ୍ରଙ୍କ ବ୍ୟାକରଣ ଜ୍ଞାନ ବୃଦ୍ଧି ସକାଶେ ଆଧାର ଓଡ଼ିଶା ତରଫରୁ ଏହି ସ୍ତମ୍ଭକୁ ପ୍ରସ୍ତୁତ କରୁଛନ୍ତି ପ୍ରାଧ୍ୟାପକ ପ୍ରମୋଦ କୁମାର ରଥ।



## Correction of Errors

Wrong : He joined Army last year.
Right : He joined the Army last year.
Wrong : David has helped me to learn this subject.
Right : David has helped me learn this subject.
Wrong : Seventy students are in our class.
Right : There are seventy students in our class.
Wrong : We shall provide you new tools.
Right : We shall provide you with new tools.
Wrong : Ravi and Navi met with each other for the first time.
Right : Ravi and Navi met each other for the first time.
Wrong : Since long have you waited here?
Right : How long have you waited here?
Wrong : This landed property is belonging to his brother.
Right : This landed property belongs to his brother.
Wrong : The batsman is batting from the very beginning of the match.
Right : The batsman has been batting from the beginning of the match.
Wrong : I stopped there in a snowy evening.
Right : I stopped there on a snowy evening.
Wrong : It is not cold outside.You mustn't wear a cold-proof jacket.
Right : It's not cold outside.You needn't wear a cold-proof jacket.

# ଭୁଶୁଡ଼ିବା ଅବସ୍ଥାରେ ପୁରୁଣା ନଦୀବନ୍ଧ



ପିପିଲି: ଭାର୍ଗବୀ ନଦୀର ଦକ୍ଷିଣପାର୍ଶ୍ୱ ବନ୍ଧ ପଥର ପ୍ୟାକିଙ୍ଗ ନାମରେ ପୂର୍ବରୁ ହୋଇଥିବା ୧୫ କୋଟିରୁ ଉର୍ଦ୍ଧ କାର୍ଯ୍ୟ ସହିତ ପୁରୁଣା ବନ୍ଧକୁ ଠିକାଦାର କାଟି ଦେଉଥିବା ବେଳେ ଆଗାମୀ ଦିନରେ ବନ୍ଧପ୍ରତି ଘୋର ବିପଦ ଥିବାନେଇ ଚର୍ଚ୍ଚା ଚାଲିଛି । ସୂଚନା ଅନୁଯାୟୀ ଭାର୍ଗବୀ ନଦୀର ଦକ୍ଷିଣପାର୍ଶ୍ୱ ବନ୍ଧ ତରଜଙ୍ଗ ଓ ବାଲିଉପର ଗାଁମୁଣ୍ଡ ଠାରେ ପ୍ରତ୍ୟେକ ବର୍ଷ ବନ୍ୟା ସମୟରେ ବାରମ୍ବାର ଘଳିଆ ପଡିଥାଏ । ଘଳିଆ ପଡିବା ଯୋଗ ଏଠାରେ କୌଣସି ଅପ୍ରୀତକର ଘଟଣା ଘଟିବା ନେଇ ଅଞ୍ଚଳବାସୀ ଓ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀଙ୍କ ନିଦ ସମ୍ପୂର୍ଣ୍ଣ ହଜି ଯାଇଥିବା ବେଳେ ସେ ସମୟରେ ବିଭାଗ ତରଫରୁ ଲକ୍ଷ ଲକ୍ଷ୍ୟ ଟଙ୍କା ବ୍ୟୟ ବରାଦ ହୋଇଥାଏ । ବନ୍ୟା ପାସ କରିବା ପରେ ବିଭାଗୀୟ ଅଧିକାରୀ ମାନେ ବନ୍ଧ ପରିଦର୍ଶନରେ ଆସି ବନ୍ଧ କାର୍ଯ୍ୟ ପାଇଁ ଅଣ୍ଟା ଭିଡିଥାନ୍ତି । ଯାହାକି ୨୦୧୩ ମସିହା ଠାରୁ ୨୦୨୧ମସିହା ପର୍ଯ୍ୟନ୍ତ ପ୍ରାୟତଃ ୧୫ କୋଟି ଖର୍ଚ୍ଚ କରାଯାଇଥିଲା । ହେଲେ ଏସବୁ କାର୍ଯ୍ୟ ପରେ ମଧ ର୍ନିମାଣ ଧୀନ ବନ୍ଧ ଭୁଶୁଡି ପଡିବା ପରିସ୍ଥିତି ଦେଖା ଯାଇଛି । ୨୦୨୨ ରେ ବନ୍ଧର ପାର୍ଶ୍ୱରେ ଲକ୍ଷାଧିକ ଅର୍ଥ ବ୍ୟୟବରାଦ ହୋଇ ମାଟି ପୂରଣ କରାଯାଇ ପଥର ପ୍ୟାକିଙ୍ଗ ପାଇଁ ଟେଣ୍ଡର ମାଧମରେ ଠିକାଦାର ଓ ସହକାରୀ ଯନ୍ତ୍ରୀ ନିଯୁକ୍ତି ଥିବାବେଳେ ବିଭାଗୀୟ ସହକାରୀ ଯନ୍ତ୍ରୀଙ୍କ ଅନୁପସ୍ଥିତ ନେଇ ଠିକାଦାର ପୂର୍ବରୁ ବନ୍ଧପାର୍ଶ୍ୱରେ ଥିବା ବଡ଼ ବଡ଼ ମେଣ୍ଟାଲ ତାଡିବା ସହିତ ପୁରୁଣା ବନ୍ଧକୁ କାଟି ପୁରୁଣା ମେଣ୍ଟାଲରେ କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଛି । ବନ୍ଧରୁ ପୁରୁଣା ମେଣ୍ଟାଲ ଓ ମାଟି କାଟି ଦେବାରୁ ବନ୍ଧ ଦୁର୍ବଳ ହେଉଥିବା ବୁଦ୍ଧିଜୀବୀ ମାନେ କହିଛନ୍ତି । ଆଉ ମଧ କହିଛନ୍ତି ଏହି କାର୍ଯ୍ୟ ଅତି ନିମ୍ନମାନର ହେବା ସହିତ ଟଙ୍କା ଚଳୁକରିବା ଉଦ୍ଦେଶ୍ୟରେ କାର୍ଯ୍ୟ ହେଉଥିବା ଅଭିଯୋଗ ହେଉଛି । ତେଣୁ ଏ ଦିଗରେ ଜିଲ୍ଲା ଅଧିକ୍ଷଣ ଯନ୍ତ୍ରୀ.ମୁଖ୍ୟ ଯନ୍ତ୍ରୀ ନଜର ଦେବାକୁ ଦାବି ହେଉଛି ।

# ବିଶ୍ୱ ଏଡସ୍ ଦିବସ ପାଳିତ

**ସୁବର୍ଣ୍ଣପୁର:** ସୁବର୍ଣ୍ଣପୁରରେ ଜିଲ୍ଲାସ୍ତରୀୟ ବିଶ୍ୱ ଏଡ଼ସ୍ ଦିବସ ପାଳିତ ହୋଇଯାଇଛି । ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଓ ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ମିଳିତ ଭାବରେ ଜିଲ୍ଲା ସଂସ୍କୃତି ଭବନଠାରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ଃ ବିଶ୍ୱରଂଜନ ପତିଙ୍କ ଅଧକ୍ଷତାରେ ଆୟୋଜିତ ଏହି ଜିଲ୍ଲାସ୍ତରୀୟ ସମାରୋହରେ ମୁଖ୍ୟ ଅତିଥିଭାବେ କୁମୁଦିନୀ ମୁଦୁଲି, ସମ୍ମାନିତ ଅତିଥିଭାବେ ଡ଼ଃ ଦୈତ୍ୟ ନାରାୟଣ ପାଢ଼ୀ ଯୋଗଦେଇଥିଲେ । ରୋଗୀକୁ ନୁହେଁ ରୋଗକୁ ଘୃଣା କରିବା ମାନସିକ, ଶାରୀରିକ, ସାମାଜିକ, ଆଧ୍ୟାତ୍ମିକ ଓ ମନୋବୈଜ୍ଞାନିକ ଅବସ୍ଥାକୁ ବିଚାର କରି ସଂଯମତା ଅବଲମ୍ବନ ପୂର୍ବକ ସଂକଳ୍ପନେଇ କାର୍ଯ୍ୟ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି । ଆମେ ସମସ୍ତେ ନୈତିକତାର ସହ ସମଭାବପନ୍ନ ଚିନ୍ତା ପୋଷଣ ପୂର୍ବକ କାର୍ଯ୍ୟକଲେ ଏହି ରୋଗକୁ ସମାଜରୁ ହ୍ରାସ କରିବାସହ ଜଣେ ରୋଗୀ ସମାଜରେ ନିଃସଙ୍କୋଚରେ ବଞ୍ଚିବାକୁ ଆଗ୍ରହ ପ୍ରକାଶ କରିପାରିବ । ସଭା ପ୍ରାରମ୍ଭରେ ଦିବସ ପରିପ୍ରେକ୍ଷୀରେ ଜିଲ୍ଲାମୁଖ୍ୟ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ଃ ବିଶ୍ୱରଞ୍ଜନ ପତି ଉପସ୍ଥିତ ସମସ୍ତଙ୍କୁ ଏଡ଼ସ ବିରୋଧରେ ସାମୂହିକ ସଂଗ୍ରାମ କରିବାକୁ ଶପଥପାଠ କରାଇଥିଲେ । ଏଡ଼ସ ଦିବସ ପାଳନ ଅବସରରେ ଅନୁଷ୍ଠିତ ସାଧାରଣ ଜ୍ଞାନ ପ୍ରତିଯୋଗିତାର କୃତୀଛାତ୍ର ଛାତ୍ରୀଙ୍କୁ ଅତିଥି ମାନେ ପ୍ରମାଣ ପତ୍ର ଓ ଟ୍ରଫି ପ୍ରଦାନକରି ସମ୍ବର୍ଦ୍ଧିତ କରିଥିଲେ । ସଭା ଶେଷରେ ଅଂଶଗ୍ରହଣ କରିଥିବା ମହାବିଦ୍ୟାଳୟ ଓ ନର୍ସିଙ୍ଗ ସ୍କୁଲ୍‌ର ଛାତ୍ରଛାତ୍ରୀଙ୍କ ଦ୍ୱାରା ସଚେତନତା ମୂଳକ ବିଭିନ୍ନ ମନଛୁଆଁ ସାଂସ୍କୃତିକ ବିଚିତ୍ରା କାର୍ଯ୍ୟକ୍ରମ ପ୍ରଦର୍ଶନ କରାଯାଇଥିଲା ।

**ନବରଙ୍ଗପୁର:** ବଶ୍ୱ ଏଡସ୍ ଦିବସ ଅବସରରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ନବରଙ୍ଗପୁର ପରିସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନବରଙ୍ଗପୁର ତରଫରୁ ଏକ ସଚେତନତା ଶିବିର ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନବରଙ୍ଗପୁର ଅଧକ୍ଷ ତଥା ଜିଲ୍ଲା ଦୌରାଜର୍ଜ ସଂଜୀବ ଦୁବେଙ୍କ ନିର୍ଦ୍ଦେଶ କ୍ରମେ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଓଡିଶା ଆଦର୍ଶ ବିଦ୍ୟାଳୟର ପିଲାମାନେ ଓ ଶିକ୍ଷକ ଶିକ୍ଷୟିତ୍ରୀ ଭାଗ ନେଇଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଜନକ ରାଉତ ଯୋଗଦେଇ ପିଲାମାନଙ୍କୁ ସଚେତନତା କରିଥିଲେ । ବିଦ୍ୟାଳୟର ଅଧକ୍ଷ ରାଜେନ୍ଦ୍ର ପ୍ରସାଦ ମହାପାତ୍ର ଓ ସମାଜସେବୀ ମନୋରମା ମାଝି ଯୋଗ ଦେଇଥିଲେ । ଏହି ଶିବିରରେ ଏଡସର ନିରାକରଣ ସମ୍ପର୍କରେ ଉପସ୍ଥିତ ଥିବା ଛାତ୍ରଛାତ୍ରୀ ମାନଙ୍କୁ ସଚେତନତା କରାଯାଇଥିଲା ।

**ରାୟଗଡା:** ରାୟଗଡା ଜିସିଡି ଜିଲ୍ଲା ହାଇସ୍କୁଲ ପରିସରରେ ବିଶ୍ୱ ଏଡସ୍ ଦିବସ ଓ ସମ୍ବିଧାନ ସପ୍ତାହ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ରାୟଗଡା ଜିଲ୍ଲା ଦୌରାଜଜ୍ ତଥା ଆଇନ୍ ସେବା ପ୍ରାଧିକରଣର ଅଧକ୍ଷ ବିକ୍ରମ କେଶରୀ ପଟ୍ଟନାୟକ ଅଧକ୍ଷତା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଆଇନସେବା ପ୍ରାଧିକରଣର ସମ୍ପାଦିକା ନିବେଦିତା ପଣ୍ଡା, ରେଜିଷ୍ଟ୍ରାର ଦେବିଜ୍ୟୋତି ମହାପାତ୍ର, ଉପଖଣ୍ଡୀୟ ବିଚାର ବିଭାଗୀୟ ଅଧିକାରୀ ଗୁରୁଚରଣ ଜେନାମଣୀ, ପ୍ରଥମ ଶ୍ରେଣୀ ବିଚାରପତି ଚନ୍ଦନ ଦେହୁରୀ ଓ ଜିସିଡି ଜିଲ୍ଲା ହାଇସ୍କୁଲର ପ୍ରଧାନ ଶିକ୍ଷକ, ଅନ୍ୟ ଶିକ୍ଷକ ବୃନ୍ଦ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଏହି ବୈଠକରେ ରୋଗ ବ୍ୟାପିବାର ବିଭିନ୍ନ କାରଣ, ଲକ୍ଷଣ ଓ ନିରାକରଣର ବିଭିନ୍ନ ଦିଗ ସଂପର୍କରେ ସମସ୍ତଙ୍କୁ ଅବଗତ କରାଯାଇଥିଲା । ଏଡସ୍ ରୋଗୀକୁ ଘୃଣା ନ କରି ଏହି ରୋଗକୁ ଘୃଣାକରିବା ସହିତ ରୋଗ ବ୍ୟାପିବାର କାରଣ ମାନଙ୍କ ସଂପର୍କରେ ଅବଗତ କରିଥିଲେ । ପରିଶେଷରେ ସମ୍ବିଧାନ ସପ୍ତାହ ଉଦେଶ୍ୟରେ ଜିଲ୍ଲା ଦୌରା ଜଜ୍ ବିକ୍ରମ କେଶରୀ ପଟ୍ଟନାୟକ ଉପସ୍ଥିତ ଥିବା ସମସ୍ତଙ୍କୁ ନିଜର ଅଭିଭାଷଣ ମାଧମରେ ଆଇନ୍‌ର ମହତ୍ୱ ଓ ଆଇନର ଉତ୍ପତ୍ତି, କାର୍ଯ୍ୟଧାରା, ସମ୍ବିଧାନର ଆବଶ୍ୟକତା ଭଳି ବହୁ ଗୁରୁତ୍ୱପୂର୍ଣ୍ଣ ଦିଗଉପରେ ଆଲୋକପାତ କରିଥିଲେ । ସର୍ବଶେଷରେ ଜିଲ୍ଲା ଆଇନସେବା ପ୍ରାଧିକରଣର ସମ୍ପାଦିକା ନିବେଦିତା ପଣ୍ଡା ଜିଲ୍ଲା ଆଇନ ସେବା ପ୍ରାଧିକରଣ, ରାୟଗଡା ଦ୍ୱାରା ଉପଲବ୍ଧ ଥିବା ବିଭିନ୍ନ ମାଗଣା ଆଇନ୍ ସହାୟତା ଉପରେ ଆଲୋକପାତ କରିଥିଲେ । ପରିଶେଷରେ ପିଲା ମାନଙ୍କ ମଧ୍ୟରେ ରଚନା, ଚିତ୍ରାଙ୍କନ, ବକ୍ତୃତା ଓ ସ୍ଲୋଗାନ ପ୍ରତିଯୋଗିତା କରାଯାଇଥିଲା ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ରାଜଧାନୀରେ...

ଡାକ୍ତରଖାନାଗୁଡିକରେ କାର୍ଯ୍ୟରତ ଏଏନ୍ଏମ୍ ମାନେ ବି ସେମାନଙ୍କ ଚାକିରି ଓ ଭବିଷ୍ୟତର ସୁରକ୍ଷା ଲାଗି ଆନ୍ଦୋଳନ ଚଳାଇଛନ୍ତି । ଇତିମଧ୍ୟରେ ଅମଲା ସଂଘ ପକ୍ଷରୁ ବଡଧରଣର ସମାବେଶ ଅନୁଷ୍ଠିତ ହୋଇଯାଇଛି । ଅମଲାମାନେ ମଧ୍ୟ ଅନେକଗୁଡିଏ ଦାବି ଉଠାଇ ସରକାରଙ୍କୁ ଚେତାବନୀ ଦେଇଛନ୍ତି ।

ଇତିମଧ୍ୟରେ କେନ୍ଦ୍ରାପଡାରୁ ଭଦ୍ରକ ପର୍ଯ୍ୟନ୍ତ ବିଭିନ୍ନ ଜିଲ୍ଲାରେ ମେଡିକାଲ କଲେଜ ଓ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦାବି ନେଇ ଗଣଆନ୍ଦୋଳନ ତେଜିବାରେ ଲାଗିଛ । ସେହିଭଳି ପଦ୍ମପୁର, ଭୁବନେଶ୍ୱର, ଘୁମୁସର, କଣ୍ଟାବାଞ୍ଜି, ଟିଟିଲାଗଡ, ରାଇରଙ୍ଗପୁର, ରାଉରକେଲା, ଆନନ୍ଦପୁର ସମେତ ରାଜ୍ୟର ଅନ୍ୟୁନ ଆଉ ୧୩ଟି ସ୍ଥାନରେ ଜିଲ୍ଲା ପାଇଁ ଦାବି ଉଠୁଛି । ଅନ୍ୟପକ୍ଷରେ ପଶ୍ଚିମ ଓଡ଼ିଶା, ଦକ୍ଷିଣ ଓଡ଼ିଶାର ବିଭିନ୍ନ ସ୍ଥାନରେ ଏବଂ ରାଜଧାନୀ ଭୁବନେଶ୍ୱରରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଲାଗି ବି ଦୀର୍ଘ ବର୍ଷ ଧରି ଆନ୍ଦୋଳନ ଚାଲିଛି । ଆନ୍ଦୋଳନକାରୀ ଓକିଲମାନଙ୍କ ଲାଇସେନ୍ସ ବାତିଲ ସହିତ କଠୋର ପଦକ୍ଷେପ ନେବା ପାଇଁ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଆଇନଜୀବୀମାନଙ୍କ ଆନ୍ଦୋଳନ ଏଯାବ୍ ଥମିନାହିଁ ।

ଏଠାରେ ଉଲ୍ଲେଖନୀୟ ଯେ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ସ୍ଥାପନ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ପରସ୍ପର ଉପରକୁ ବଲ୍ ଫିଙ୍ଗି ଚାଲିଛନ୍ତି । ଏ ପ୍ରସଙ୍ଗରେ ରାଜ୍ୟ ସରକାର ଜଣେ ଅବସରପ୍ରାପ୍ତ ହାଇକୋର୍ଟ ବିଚାରପତି ସି.ଆର. ପାଲ୍‌ଙ୍କ ଅଧକ୍ଷତାରେ କମିଶନ ବସାଇଥିଲେ ବି କମିଶନଙ୍କ ସୁପାରିସ୍ କ'ଣ ହେଲା ତାହା ଜଣାପଡୁନାହିଁ । ଫସଲ ବୀମା ସମେତ ଚାଷୀମାନଙ୍କ ଅନ୍ୟାନ୍ୟ ସମସ୍ୟା ଘେନି ରାଜ୍ୟର ବିଭିନ୍ନ ଅଞ୍ଚଳରେ ବି କୃଷକ ଆନ୍ଦୋଳନ ଚାଲୁଛି । ଇତିମଧ୍ୟରେ ଆଉ କେତେକ ଯୁକ୍ତିଯୁକ୍ତ ଦାବି ଉଠାଇ ସମ୍ବଲପୁରରେ ନାଗରିକ ସମାଜ ପକ୍ଷରୁ ବନ୍ଦ ପାଳନ ହୋଇଯାଇଛି । ମୋଟାମୋଟି ଭାବେ ଚଳିତ ବିଧାନସଭା ଅଧିବେଶନ କାଳରେ ଅନେକ ସଂଗଠନ ପକ୍ଷରୁ ଧାରଣା, ଧର୍ମଘଟ, ଶୋଭାଯାତ୍ରା ଆଦି ରାଜଧାନୀରୁ କ୍ଷେତ୍ର ଦପ୍ତର ପର୍ଯ୍ୟନ୍ତ ଚାଲିଛି । (ତଥ୍ୟ)

### ପଦ୍ମପୁର ଉପନିର୍ବାଚନ...

ସମୟରେ କାହିଁକି ଏହି ନେତାଙ୍କ ଘରେ ରେଡ୍ ହେଲା ।

ସେହିପରି ସ୍ଥାନୀୟ ବିଜେଡି ନେତାଙ୍କ ଘରେ ଆଇଟି ରେଡ୍ ହେବା ପରେ ସନ୍ଧ୍ୟାରେ ବିଜେପି ନେତାଙ୍କ ଦୋକାନରେ ଜିଏସ୍‌ଟି ରେଡ୍ ହୋଇଛି । ବିଜେପି ନେତାଙ୍କ ମାଲିକାନାରେ ଥିବା କିଛି ବ୍ୟାବସାୟିକ ସଂସ୍ଥାରେ ଆଜି ରାଜ୍ୟ ସରକାରଙ୍କ ଅଧିନରେ ଥିବା ଜିଏସ୍‌ଟି ବିଭାଗ ପକ୍ଷରୁ ରେଡ୍ ହୋଇଛି । ପଦ୍ମପୁରରେ ଥିବା ଲୁଗା ଦୋକାନ, ପେଟ୍ରୋଲ୍ ପମ୍ପ ସମେତ ପାଇକମାଳ ଓ ଝାରବନ୍ଧରେ ଥିବା ବ୍ୟାବସାୟିକ ପ୍ରତିଷ୍ଠାନରେ ଜିଏସ୍‌ଟି ରେଡ୍ ହୋଇଛି । ପଦ୍ମପୁରରେ ରେଡ୍ ହୋଇଥିବା ଜଗଦମ୍ବା ଲୁଗା ଦୋକାନ ହେଉଛି, ସ୍ଥାନୀୟ ନଗର ବିଜେପି ସଭାପତି ସୁନୀଲ ଅଗ୍ରୱାଲଙ୍କର । ସୁନୀଲଙ୍କ ବାପା ବି ପୂର୍ବରୁ ପଦ୍ମପୁର ନଗରପାଳ ଥିଲେ । ତେଣୁ ବିଜେପି ସମର୍ଥକଙ୍କୁ ଟାର୍ଗେଟ୍ କରି ଏହି ଚଢ଼ଉ ହୋଇଥିବା ବିଜେପି ପକ୍ଷରୁ ପାଲଟା ଅଭିଯୋଗ କରାଯାଇଛି । ଚଢ଼ାଉ ସ୍ଥଳରେ ବିଜେପି କର୍ମୀ ପହଞ୍ଚିବା ସହ ଜିଏସ୍‌ଟି ଅଧିକାରୀଙ୍କ ଏଭଳି ଚଢ଼ାଉକୁ ନେଇ ପ୍ରଶ୍ନ ଉଠାଇଛନ୍ତି । ଦୋକାନ ବନ୍ଦ ନ କରି ଖୋଲାମେଲାରେ ଏବଂ ଗଣମାଧ୍ୟମକୁ ଡାକି ଏଭଳି ଯାଞ୍ଚ କରିବା ପଛର ଉଦ୍ଦେଶ୍ୟ କଣ ବୋଲି ବିଜେପି ନେତାମାନେ ପ୍ରଶ୍ନ କରିଛନ୍ତି । ତେବେ ଉଭୟ ଚଢ଼ଉ କ୍ଷେତ୍ରରେ ଅଧିକାରୀମାନଙ୍କ ମତାମତ ବା ପ୍ରତିକ୍ରିୟା ମିଳି ପାରି ନାହିଁ । ଉଭୟ ସଂସ୍ଥା ଗଣମାଧ୍ୟମ ପ୍ରଶ୍ନକୁ ଏଡାଇ ଯାଇଛନ୍ତି ।

ଅନ୍ୟପକ୍ଷରେ ବିଜେପି ପାଇଁ ତିନି ତିନି ଜଣ କେନ୍ଦ୍ରମନ୍ତ୍ରୀ ପ୍ରଚାରର ମଙ୍ଗ ଧରିଥିବା ବେଳେ ବିଜେଡି ପାଇଁ ମାଳମାଳ ମନ୍ତ୍ରୀ ଓ ବିଧାୟକ ପ୍ରଚାର କରୁଛନ୍ତି । ବିଜେପି ପ୍ରାର୍ଥୀ ପ୍ରଦୀପ ପୁରୋହିତଙ୍କ ଲାଗି ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ କେନ୍ଦ୍ର କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର ପ୍ରଚାର କରି ସାରିଥିବା ବେଳେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ମାରାଥନ ପ୍ରଚାର ଜାରି ରହିଛି । ରବିବାର କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ନରେନ୍ଦ୍ର ସିଂ ତୋମାର ପଦ୍ମପୁରକୁ ଆସି ଭୋଟରଙ୍କୁ ବିଜେପି ସପକ୍ଷରେ ଭୋଟ ପ୍ରଚାର କରିଥିଲେ । ଅଞ୍ଚଳବାସୀଙ୍କ ଦୁଃଖ ଦୁର୍ଦ୍ଦଶା କଥା କହିଥିଲେ । ଏହି ଅଞ୍ଚଳରେ କୃଷିର ବିକାଶ ଏବଂ ରେଳପଥ ସଂଯୋଗୀକରଣ ନେଇ ପ୍ରତିଶ୍ରୁତି ଦେଇ ଯାଇଥିଲେ । ପଦ୍ମପୁରକୁ ରେଳ ସଂଯୋଗ ପ୍ରସଙ୍ଗରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ରାଜ୍ୟ ସରକାରଙ୍କୁ ଦେଇଛନ୍ତି ଖୋଲା ଚ୍ୟାଲେଞ୍ଜ୍ । ବରଗଡ଼–ନୂଆପଡ଼ା ଭାୟା ପଦ୍ମପୁର ରେଳପଥ ନେଇ ପୂର୍ବରୁ ମନ୍ତ୍ରୀ ଟୁକୁନି ସାହୁ ରେଳମନ୍ତ୍ରୀଙ୍କୁ ଚିଠି ଲେଖିଥିବାରୁ ଏ ପ୍ରସଙ୍ଗ ଉଠାଇଥିଲେ ବୈଷ୍ଣବ। କହିଥିଲେ ରାଜ୍ୟ ସରକାର କାଲି ଯାଗା ଦେଲେ, ତା ପରଦିନ କାମ ଆରମ୍ଭ ହେବ । ଏହାସହିତ ଦାଦନ ପ୍ରସଙ୍ଗ ବି ଉଠାଇଥିଲେ ବୈଷ୍ଣବ । ସେପଟେ ଚାଷୀଙ୍କୁ ଫସଲ ବୀମା ଇସ୍ୟୁରେ ବିଜେଡି ସରକାରଙ୍କୁ ସିଧା ତୀର ମାରିଥିଲେ ତୋମାର । କହିଥିଲେ, ଫସଲ ବୀମା ଯୋଜନା ଟଙ୍କା ରିଲିଜ୍ ହୋଇସରିଛି, ହେଲେ ରାଜ୍ୟ ସରକାରଙ୍କ ମନ୍ଥରତା ଯୋଗୁଁ ଚାଷୀ ଟଙ୍କା ପାଇବାରେ ବିଳମ୍ବ ହେଉଛି । ବୀମା ଟଙ୍କା ବାବଦରେ ବିଜେଡିର ନେତାମାନେ ଦୁସ୍ତଚାର କରୁଥିବା ଅଭିଯୋଗ ଆଣିଛନ୍ତି ତୋମାର । ସେହିପରି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ କେନ୍ଦ୍ର କୃଷିମନ୍ତ୍ରୀ ନରେନ୍ଦ୍ର ତୋମାରଙ୍କ ପରେ ପ୍ରଚାର ମୈଦାନକୁ ଓହ୍ଲାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସିଧା ନିଶାନା କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ମାଣ୍ଡୋସିଲ୍ ସଭାରେ ଚାଷୀ ପ୍ରସଙ୍ଗ ଉଠାଇ କହିଛନ୍ତି ମୋଦି ସରକାର ଚାଷୀଙ୍କ ପାଇଁ କେନ୍ଦ୍ରରୁ ଟଙ୍କା ପଠାଉଛନ୍ତି । ମାତ୍ର ନବୀନ ସରକାର ଏଠି ମିଲରଙ୍କ ସହ ମିଶି ଚାଷୀଙ୍କୁ ଲୁଟୁଛନ୍ତି ।

ଅନ୍ୟପଟେ ବିଜେଡି ବି ପ୍ରଚାର ଅଭିଯାନକୁ ଜୋରଦାର କରିଛି । ସଭା, ଶୋଭାଯାତ୍ରା ରୋଡ୍ ସୋ ମାଧ୍ୟମରେ ନବୀନ ସରକାରର ସଫଳତା ଓ କେନ୍ଦ୍ର ସରକାରର ବିଫଳତାକୁ ଅସ୍ତ୍ର କରି ଦଳୀୟ ପ୍ରାର୍ଥୀ ବର୍ଷା ସିଂହ ବରିହାଙ୍କ ପାଇଁ ଭୋଟ୍ ମାଗୁଛି ବିଜେଡି । ମାଳମାଳ ମନ୍ତ୍ରୀ ଓ ବିଧାୟକ ବିଜେଡି ପାଇଁ ପଚାର କରୁଥିବା ବେଳେ ଆସନ୍ତା ୨ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପଚାର ମଇଦାନକୁ ଓହ୍ଲାଇବେ ବୋଲି ଜଣାପଡ଼ିଛି । ୩ଟି ବ୍ଲକ୍‌ର ୩ଟି ସାଧାରଣ ସଭାରେ ଯୋଗଦେଇ ବିଜେଡ ସୁପ୍ରିମୋ ଦଳୀୟ ପ୍ରାର୍ଥୀଙ୍କ ପାଇଁ ଭୋଟ ମାଗିବାର କାର୍ଯ୍ୟକ୍ରମ ରହିଛି । ପାଇକମାଳ, ଝାରବନ୍ଧ ଓ ପଦମପୁର ସାଧାରଣ ସଭାରେ ନବୀନ ଯୋଗଦେବେ ।

### ତାଗିଦ୍ ପରେ ବି ...

ହାଇକୋର୍ଟ ବେଞ୍ଚ ଦାବିକୁ ନେଇ ଆଇନଜୀବୀଙ୍କ ଆନ୍ଦୋଳନ ସମ୍ବଲପୁର ସହ ଗଞ୍ଜାମ, କୋରାପୁଟ, କଳାହାଣ୍ଡି, ବଲାଙ୍ଗିର ଭଳି ଅନେକ ଜିଲ୍ଲାରେ ଜାରି ରହିଛି । କେତେକ ସ୍ଥାନରେ କ୍ରିୟାନୁଷ୍ଠାନ କମିଟି ବ୍ୟାନରରେ ମାସର ଗୋଟିଏ–ଦୁଇ ଦିନ ଆନ୍ଦୋଳନ ହେଉଛି । ଏଭଳି ଆନ୍ଦୋଳନକୁ ଦେଖି, ଗତ ୨୮ ତାରିଖରେ ସୁପ୍ରିମ୍‌କୋର୍ଟ ଆନ୍ଦୋଳନକାରୀ ଆଇନଜୀବୀଙ୍କ ଲାଇସେନ୍ସ ସସ୍ପେଣ୍ଡର ଚରମବାଣୀ ଶୁଣାଇଥିଲେ । ବାର୍ କାଉନ୍ସିଲ୍ ଅଫ୍ ଇଣ୍ଡିଆକୁ ଲାଇସେନ୍ସ ସସ୍ପେଣ୍ଡର ନିର୍ଦ୍ଦେଶ ବି ଦେଇଥିଲେ ।

କେବଳ ଏତିକି ନୁହେଁ, ଭୌଗୋଳିକ ଦୃଷ୍ଟିକୁ ଦେଖି ଓଡ଼ିଶା ଏତେବଡ଼ ରାଜ୍ୟ ବି ନୁହେଁ ଯେ, ହାଇକୋର୍ଟ ବେଞ୍ଚର ଆବଶ୍ୟକତା ରହିଛି । ତେଣୁ ଆନ୍ଦୋଳନ ଅନାବଶ୍ୟକ । ନ୍ୟାୟିକ ଅଧିକାରୀ ଓ ମହକିଲଙ୍କୁ ସୁରକ୍ଷା ଦିଅ ବୋଲି ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ ଦେଶର ସର୍ବୋଚ୍ଚ ଅଦାଲତ । ଆବଶ୍ୟକସ୍ଥଳେ ଆନ୍ଦୋଳନକାରୀଙ୍କୁ ଗିରଫ ପାଇଁ ବି କହିଥିଲେ । ଏହାସତ୍ତ୍ୱେ ଆନ୍ଦୋଳନ ଜାରି ରଖିଛନ୍ତି ଓକିଲ ସଂଘ । ଗଂଜାମ ଓକିଲ ସଂଘ କହିଛି, ଦାବି ପୁରଣ ନ ହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ । ଓକିଲଙ୍କ ଏଭଳି ନିରବଚ୍ଛିନ୍ନ ଆନ୍ଦୋଳନ ଭିତରେ ଡିସେମ୍ବର ୧୨ରେ ହେବାକୁ ଥିବା ପରବର୍ତ୍ତୀ ଶୁଣାଣିକୁ ଏବେ ଅପେକ୍ଷା ।

### ରାଜ୍ୟରେ ନୂଆ...

ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ସୃଷ୍ଟିକୁ ଉତ୍ସାହିତ କରିବା ସହ ରାଜ୍ୟ ତଥା ଅନ୍ୟାନ୍ୟ ଦେଶରୁ ଏଭଳି ସ୍ୱାସ୍ଥ୍ୟ ସେବା ଖୋଜୁଥିବା ଲୋକଙ୍କୁ ଉତ୍ସାହିତ କରିବ । ସେହିପରି ଓଡ଼ିଶାକୁ ଭାରତର ଅଗ୍ରଣୀ ପର୍ଯ୍ୟଟନସ୍ଥଳୀ ବର୍ଷସାରା ଯେଭଳି ପର୍ଯ୍ୟଟକ ଭାବେ ଆସିବେ ସେ ନିମନ୍ତେ ପଦକ୍ଷେପ ନିଆଯିବ । ବେଳାଭୂମି ପର୍ଯ୍ୟଟନ, ବୌଦ୍ଧ ପର୍ଯ୍ୟଟନ, ଐତିହ୍ୟ ପର୍ଯ୍ୟଟନ, ଧାର୍ମିକ ପର୍ଯ୍ୟଟନ, ଏମ୍ଆଇସିଇ ପର୍ଯ୍ୟଟନ, କାରଭାନ୍ ଟୁରିଜିମ, ସ୍ୱାସ୍ଥ୍ୟ ଓ ୱେଲନେସ ଟୁରିଜିମ, ସାମୁଦ୍ରିକ କ୍ରୁଜ୍ ଓ ୟାଟ୍ ଟୁରିଜିମ୍, ବାଲୁକା କଳା ପର୍ଯ୍ୟଟନ ଓ ଦୁଃସାହାସିକ ପର୍ଯ୍ୟଟନର ଅଭିବୃଦ୍ଧି ଦିଗରେ ଏହି ନୂଆ ପର୍ଯ୍ୟଟନ ନୀତିରେ ପ୍ରୋତ୍ସାହନର ସୁବିଧା ରହିଛି । ସୂଚନାଯୋଗ୍ୟ ରାଜ୍ୟରେ ଏବେ ୨୦୧୬ ମସିହାର ପର୍ଯ୍ୟଟନ ନୀତି ବଳବତ୍ତର ରହିଛି ।

# ନାଲି ସୁନା



ସୁନା ମୂଲ୍ୟବାନ ଧାତୁ ବୋଲି ସମସ୍ତେ ଜାଣନ୍ତି । ଏହାର ରଙ୍ଗ ହଳଦିଆ । ମାତ୍ର ଏକ ମସଲା ଅଛି, ଯାହାକୁ 'ନାଲି ସୁନା' କୁହାଯାଏ । ଏହାକୁ ବିଶ୍ୱର ମହଙ୍ଗା ମସଲା ଭାବେ ଗଣନା କରାଯାଏ । ଏହି ମସଲାର ଗଛକୁ ମଧ୍ୟ ବିଶ୍ୱର ସବୁଠାରୁ ମହଙ୍ଗା ଗଛ କୁହାଯାଏ । ବିଶ୍ୱର ଏହି ମହଙ୍ଗା ମସଲାର ନାମ ହେଉଛି କେଶର । ଯାହାକୁ ଇଂରାଜୀରେ ସାଫ୍ରନ୍ କୁହାଯାଏ । ଏହି ଗଛ ଲଗାଉଥିବା ପ୍ରମୁଖ ଦେଶ ମଧ୍ୟରେ ଭାରତ ସମେତ ଫ୍ରାନ୍ସ, ସ୍ପେନ, ଇରାନ, ଇଟାଲୀ, ଗ୍ରୀସ, ଜର୍ମାନୀ, ଜାପାନ, ଋଷ୍, ଅଷ୍ଟ୍ରିଆ, ତୁର୍କୀସ୍ତାନ, ଚାଇନା, ପାକିସ୍ତାନ ଏବଂ ସ୍ୱିଜରଲ୍ୟାଣ୍ଡ ଅନ୍ତର୍ଭୁକ୍ତ । ଭାରତରେ ଏହା ଜମ୍ମୁ-କଶ୍ମୀରର ପାମ୍ପୋର ସୀମିତ ଅଞ୍ଚଳରେ ଅଧିକ ଚାଷ କରାଯାଇଥାଏ । ତେବେ ଏହି କେଶର ଏବେ ଓଡ଼ିଶାରେ ଫୁଟିଛି । କାଶ୍ମୀର କେଶର ଫୁଟାଇବାରେ ସଫଳତା ହାସଲ କରିଛନ୍ତି ସମ୍ବଲପୁର ଦିବ୍ୟରାଜ ବେରିହା । ବିଗତ ଦିନରେ ଓଡ଼ିଶାରେ ପ୍ରଥମ ଥର ପାଇଁ ସେ ମୂଲ୍ୟବାନ କାଶ୍ମୀର କେଶର ଉତ୍ପାଦନ କରିଛନ୍ତି ।

## ସମ୍ବଲପୁରରେ ଫୁଟିଲା କାଶ୍ମୀର କେଶର

ମୁଖ୍ୟତଃ କାଶ୍ମୀର ପରି ଥଣ୍ଡା ଓ ଶୁଷ୍କ ସ୍ଥାନରେ ଏହି କେଶର ଫୁଲ ଫୁଟିଥାଏ । ମାତ୍ର ସମ୍ବଲପୁରର ଯୁବ ବୈଜ୍ଞାନିକ ଦିବ୍ୟରାଜ ବେରିହା ନିଜ ଟିସୁ କଲଚର ଲ୍ୟାବରେ ଏହିଭଳି ପରିବେଶ ସୃଷ୍ଟି କରି ଏହି ଫୁଲ ଫୁଟାଇଛନ୍ତି । ବିଗତ ଦିନରେ କଳା ଧାନ, କଳା ଗହମ, କଳା ହଳଦୀ, କଳା ଅଦା, ଷ୍ଟ୍ରବେରି, ବାୟୋଫ୍ଲକ୍ସ ମାଛ, ଛେଳି, କୁକୁଡ଼ା, ଜୈବିକ ପନିପରିବା, ମୁକ୍ତା ପାଇଁ ଶାମୁକା ଆଦି ଚାଷ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଥିବା ସମ୍ବଲପୁରର ଯୁବଚାଷୀ ଦିବ୍ୟରାଜ ବେରିହା ଆଉ ଏକ ସଫଳ ପ୍ରୟୋଗ କରି ପ୍ରୟୋଗାତ୍ମକ କୃଷିରେ ନୂଆ ଅଧ୍ୟାୟ ଯୋଡ଼ିଛନ୍ତି । ସମ୍ବଲପୁର ଖଣ୍ଡୁଆଳ ଠାରେ ଥିବା ନିଜ ଫାର୍ମ ହାଉସ୍ ପରୀକ୍ଷାଗାରରେ ସମ୍ପୂର୍ଣ୍ଣ ବୈଜ୍ଞାନିକ ପଦ୍ଧତିରେ ଦିବ୍ୟରାଜ କେଶର ଚାଷ କରିଛନ୍ତି ଓ ଏଥିରେ ଫୁଲ ଫୁଟିଛି । ଯୁବ ଚାଷୀ ତଥା ଉଦ୍ଭିଦବିଜ୍ଞାନୀ ଦିବ୍ୟରାଜ କଶ୍ମୀରର ଅନନ୍ତନାଗରୁ କେଶରର ମଞ୍ଜି କିଣି ଗତ ସେପ୍ଟେମ୍ବର ୧୦ ତାରିଖରେ ଏହାକୁ ପରୀକ୍ଷାଗାରରେ ଏରୋପୋନିକ୍ ଉପାୟରେ ଚାଷ କରିଥିଲେ । ପରୀକ୍ଷାଗାରରେ ସେ କାଶ୍ମୀରର ପାଣିପାଗ ସହ ସମାନ ତାପମାତ୍ରା, ଆର୍ଦ୍ରତା ଆଦି ପରିସ୍ଥିତି ସୃଷ୍ଟି କରିଥିଲେ । ୧୨ ଘଣ୍ଟା ଦିବାଲୋକ ଭଳି ଲାଇଟ୍ ବ୍ୟବସ୍ଥା କରିଥିଲେ । ୧୦ ହଜାର ଷ୍ଟେରିଲିଟିରେ ଏହି ଚାଷ କରାଯାଇଥିବା ବେଳେ ସେପ୍ଟେମ୍ବର ୨୪ ତାରିଖରେ ଲଗା ହୋଇଥିଲା । ପ୍ରାୟ ୨ ମାସ ପରେ ଏଥିରେ ଫୁଲ ଫୁଟିଛି ଆଉ ଏହି ଫୁଲରୁ କାଶ୍ମୀର କେଶର ସଂଗ୍ରହ କରାଯିବ । ଚଳିତ ବର୍ଷ ପରୀକ୍ଷା ମୂଳକ ଭାବେ ଦିବ୍ୟରାଜ ଏହି ଚାଷ କରି ପ୍ରାୟ ୫୦ ହଜାର ଖର୍ଚ୍ଚ କରିଥିବା ବେଳେ ଏଥିରୁ ଦେଢ଼ ଲକ୍ଷ ଟଙ୍କା ଆୟ ହେବ ବୋଲି ଆଶା ରଖିଛନ୍ତି ।

## ଲାଭବାନ ହୋଇପାରିବେ ଚାଷୀ

କାଶ୍ମୀର କେଶରକୁ ସମ୍ବଲପୁର ଭଳି ମାଟିରେ ଚାଷ କରିବା ଓ ଏଥିରୁ ଫୁଲ ଫୁଟିବା ଦିବ୍ୟରାଜଙ୍କ ଉଦ୍ୟମ ସମ୍ବଲପୁରରେ ଏହା ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛି । ଏହା ଲୋକଙ୍କୁ କିଛି ନୂଆ କାର୍ଯ୍ୟ କରିବା ପାଇଁ ପ୍ରେରଣା ଯୋଗାଉଛନ୍ତି । ଏଥି ପାଇଁ ଲୋକ ଦିବ୍ୟରାଜଙ୍କୁ ବେଶ ପ୍ରସଂଶା କରୁଛନ୍ତି । ଦିବ୍ୟରାଜଙ୍କ ଟିସୁ କଲଚର ଲ୍ୟାବରେ ଫୁଟିଥିବା କାଶ୍ମୀରୀ କେଶରର ମୂଲ୍ୟ କିଲୋଗ୍ରାମ ପିଛା ପ୍ରାୟ ୫ ଲକ୍ଷ ଟଙ୍କା । ତେବେ ଯୁବ ବୈଜ୍ଞାନିକଙ୍କ ଏହି ସଫଳତା ପାଇଁ ଉଦ୍ଭିଦ ବିଜ୍ଞାନର ବହୁ ପ୍ରଫେସର ତାଙ୍କର ପ୍ରଶଂସା କରିଛନ୍ତି । ଏଭଳି ସ୍ଥିତିରେ ଆଗକୁ ଗବେଷଣା କରି ଓଡିଶା ଭଳି ଜଳବାୟୁରେ ସୁହାଉଥିବା କେଶରର ନୂତନ କିଶମ ସୃଷ୍ଟି କରାଯାଇପାରିବ ବୋଲି ଉଦ୍ଭିଦ ବିଜ୍ଞାନୀ କହିଛନ୍ତି । ଏହା ଦ୍ୱାରା ସ୍ଥାନୀୟ ଯୁବ ବୈଜ୍ଞାନିକ ତଥା ଚାଷୀମାନେ ଲାଭବାନ ହୋଇପାରିବେ ବୋଲି ଉଦ୍ଭିଦ ବିଜ୍ଞାନୀ କହିଛନ୍ତି ।

## ଇଚ୍ଛାଶକ୍ତି ଥିଲେ ସବୁ ସମ୍ଭବ

ବୈଜ୍ଞାନିକମାନେ ଏଭଳି କରୁଥିବା ଇଣ୍ଟରନେଟରେ ଦେଖି ସୁଦୂର କାଶ୍ମୀରର ପୁଲ୍‌ୱାମା ଓ ଅନନ୍ତନାଗରୁ କେଶରର ଚାରା ଆଣି ଏଭଳି କାର୍ଯ୍ୟ କରିବାରେ ସଫଳ ହୋଇଛନ୍ତି ଦିବ୍ୟରାଜ । ଏନେଇ ସେ କହିଛନ୍ତି, 'ପ୍ରାକୃତିକ ଭାବେ କାଶ୍ମୀରରେ ଫୁଟୁଥିବା ଏହି ଫୁଲ ସେପ୍ଟେମ୍ବରରୁ ଅକ୍ଟୋବର ମାସ ମଧ୍ୟରେ ଫୁଟିଥାଏ । କିନ୍ତୁ ଲ୍ୟାବରେ ଏହା ୩ ମାସ ଧରି ଫୁଟି ପାରିବ । କେବଳ ଭାରତ ନୁହେଁ, ଆଗ୍ରହ ଓ ଇଚ୍ଛାଶକ୍ତି ଥିଲେ ପୃଥିବୀର ଯେକୌଣସି ସ୍ଥାନରେ ଏହା ଫୁଟି ପାରିବ ।





## ଦାମ୍ ଜାଣି ହେବେ ଆଶ୍ଚର୍ଯ୍ୟ

ସୁନା ମୂଲ୍ୟବାନ ଧାତୁ ବୋଲି ସମସ୍ତେ ଜାଣନ୍ତିଛ ମାତ୍ର ଏକ ମସଲା ଅଛି, ଯାହାକୁ 'ନାଲି ସୁନା' କୁହାଯାଏ । ଏହାକୁ ବିଶ୍ୱର ମହଙ୍ଗା ମସଲା ଭାବେ ଗଣନା କରାଯାଏ । ଏହି ମସଲାର ଗଛକୁ ମଧ୍ୟ ବିଶ୍ୱର ସବୁଠାରୁ ମହଙ୍ଗା ଗଛ କୁହାଯାଏ । ବିଶ୍ୱର ଏହି ମହଙ୍ଗା ମସଲାର ନାମ ହେଉଛି କେଶର । ଭାରତରେ ଏହା ଜମ୍ମୁ-କଶ୍ମୀରର ପାମ୍ପୋର ସୀମିତ ଅଞ୍ଚଳରେ ଅଧିକ ଚାଷ କରାଯାଇଥାଏ । ବଜାରରେ ସାଫ୍ରନ୍‌ର ମୂଲ୍ୟ କିଲୋଗ୍ରାମ ପ୍ରତି ୫ ରୁ ୬ ଲକ୍ଷ ଟଙ୍କା ରହିଛି । କେଶର ଏତେ ଦାମୀ ହେବାର କାରଣ ହେଉଛି ଏହାର ଦେଢ଼ ଲକ୍ଷ ଫୁଲରୁ କେବଳ ୧ କିଲୋଗ୍ରାମ ଶୁଖିଲା କେଶର ମିଳିଥାଏ । ପ୍ରାୟ ୨୩୦୦ ବର୍ଷ ପୂର୍ବେ ଗ୍ରୀସ୍‌ରେ ଏହା ଚାଷ କରାଯାଇଥିଲା । କୁହାଯାଏ, ଇଜିପ୍ଟର ରାଣୀ କ୍ଲିୟୋପେଟ୍ରା ନିଜର ସୌନ୍ଦର୍ଯ୍ୟ ବଢ଼ାଇବା ପାଇଁ ଏହାକୁ ବ୍ୟବହାର କରୁଥିଲେଛ କିଛି ଲୋକ ବିଶ୍ୱାସ କରନ୍ତି ଏହି କେଶରର ଉତ୍ପତ୍ତି ଦକ୍ଷିଣ ୟୁରୋପର ସ୍ପେନ୍‌ରେ ଚାଷ କରାଯାଇଥିଲା । କେଶର ଫୁଲର ସୁଗନ୍ଧ ଏତେ ଶକ୍ତିଶାଳୀ ଯେ, ଆଖପାଖ ଅଞ୍ଚଳକୁ ସୁବାସିତ କରିଦିଏ । ଜାଣି ଆଶ୍ଚର୍ଯ୍ୟ ହେବେ ପ୍ରତ୍ୟେକ ଫୁଲରେ କେବଳ ତିନୋଟି କେଶର ରହିଥାଏ । ଅନ୍ୟପକ୍ଷରେ ଆୟୁର୍ବେଦିକ ଶାସ୍ତ୍ରରେ କେଶରର ଉପକାରିତା ବିଷୟରେ ମଧ୍ୟ କୁହାଯାଇଛି । ଏହା ଖାଦ୍ୟର ସ୍ୱାଦ ବଢ଼ାଇଥାଏ । ଦେବଦେବୀଙ୍କ ପୂଜାରେ ମଧ୍ୟ ଏହାକୁ ବ୍ୟବହାର କରାଯାଏ । ବର୍ତ୍ତମାନ କେଶରକୁ ପାନ ମସଲା ଏବଂ ଗୁଟ୍‌ଖାରେ ବ୍ୟବହାର କରାଯାଉଛି । ଏହା ରକ୍ତ ଦମନକାରୀ, ନିମ୍ନ ରକ୍ତଚାପ ଏବଂ ପ୍ଲେଗ ରୋଗ ବିନାଶକ ଭାବରେ ଜଣାଶୁଣା । ଏହାକୁ ଜଡ଼ିବୁଟି ଭାବରେ ମଧ୍ୟ ବ୍ୟବହାର କରାଯାଏ ।

## କଣ୍ଟେନରରେ କାଶ୍ମୀରୀ କେଶର ଚାଷ କରୁଛନ୍ତି ପୁଣେର ଯୁବକ




କେଶରକୁ କଣ୍ଟେନର ଭିତରେ ଚାଷ କରୁଛନ୍ତି ପୁଣେର ଜଣେ ଉଚ୍ଚଶିକ୍ଷତ ଯୁବକ । ତାହା ପୁଣି ବିନା ମାଟିରେ । ଏହି ଯୁବକ ଜଣକ ହେଉଛନ୍ତି ମହାରାଷ୍ଟ୍ର ପୁଣେର ଶୈଳେଶ କିଶୋର ମୋଦକ । ଶୈଳେଶ ଉଚ୍ଚ ଶିକ୍ଷତ ଅଟନ୍ତି । ଏପରିକି ବିଦେଶରେ ମଧ୍ୟ ତାଙ୍କର ଚାକିରି ହୋଇଥିଲା । ହେଲେ ସେ ଏଥିରୁ ଇସ୍ତଫା ଦେଇ ଖଦି ଭିଲେଜ ଇଣ୍ଡଷ୍ଟ୍ରିରେ କୋର୍ସ କରିଥିଲେ । ନିଜ କୋର୍ସ ସରିବା ପରେ ସେ କୃଷି କ୍ଷେତ୍ରରେ ନୂତନ ପରୀକ୍ଷଣ ଆରମ୍ଭ କରିଥିଲେ । ଶୈଳେଶ ଡ.ବିକାଶ ଖୈରଙ୍କ ମାର୍ଗଦର୍ଶନରେ ବିନା ମାଟିରେ ଆଧୁନିକ ପ୍ରକ୍ରିୟାରେ ଚାଷ କରିବାକୁ ଯୋଜନା କରିଥିଲେ । କଣ୍ଟେନର ଭିତରେ ଚାଷ ପାଇଁ ତାଙ୍କର ପରୀକ୍ଷଣ ସଫଳ ହୋଇଥିଲା । ସେ କଣ୍ଟେରନ ଭିତରେ କାଶ୍ମୀରୀ କେଶର ଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର ଚାଷ କରିଥିଲେ । ସାଧାରଣତଃ ଅନୁକୂଳ ପାଗ ଯୋଗୁଁ କାଶ୍ମୀରରେ କେଶର ଚାଷ କରାଯାଉଥିବା ବେଳେ ଶୈଳେଶ ପୁଣେରେ ଏହି କେଶର ଚାଷ ଆରମ୍ଭ କରିଛନ୍ତି । କଣ୍ଟେନରରେ ଅନୁକୂଳ ତାପମାତ୍ରା ପାଇଁ ସେ ଏୟାର ସର୍କୁଲେଟର, ଚିଲର, ଏସି ଇତ୍ୟାଦି ଉପକରଣ ଲଗାଇଛନ୍ତି । ଏନେଇ ଶୈଳେଶ କହିଛନ୍ତି, ସେ ପ୍ରାୟ ୧ରୁ ଦେଢ କେଜି କେଶର ଉତ୍ପାଦନ ପାଇଁ ଲକ୍ଷ୍ୟ ରଖିଛନ୍ତି ।



Printed by Kishor Chandra Padhi and Published by Siba Prasad Sasamala, Printed at Anupam printers,Shed No. D-2/14, Industrial Estate, Mancheswar, Bhubaneswar, Published from Gurudwara Chowk, Bargarh-768028 (Odisha), Ph.0674-2911731, Email-aadharodisha8@gmail.com

Editor: Dr. Jyotirmaya Patnaik
ସମ୍ପାଦକ- ଡ. ଜ୍ୟୋତିର୍ମୟ ପଟ୍ଟନାୟକ